# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ଜାନୁଆରୀ ୧୩/୨୦୨୫ (୧୬ ପୃଷ୍ଠା) | Bhubaneswar, Monday, January 13/2025 | Page 16 | ₹ 7.00

୫୧ଶ ଭାଗ ୫୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 51 | ମୂଲ୍ୟ ₹୭/-



DSPL-319

OSRTC



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ମହାକୁମ୍ଭ ମେଳା ୨୦୨୫ ପାଇଁ ଓଡ଼ିଶାରୁ ଓଏସ୍‌ଆର୍‌ଟିସିର ସ୍ୱତନ୍ତ୍ର ବସ୍ ସେବା

**୧୩ ଜାନୁଆରୀ - ୨୬ ଫେବୃଆରୀ ୨୦୨୫**

| ମାର୍ଗ | ମଧ୍ୟବର୍ତ୍ତି ମାର୍ଗ | ବସ୍ ଛାଡିବା ତାରିଖ |
|---|---|---|
| ପୁରୀ - ଅଯୋଧ୍ୟା | ଭୁବନେଶ୍ୱର, ବାରିପଦା, ରାଞ୍ଚି, ଜାମସେଦପୁର, ଔରଙ୍ଗାବାଦ, **ବାରାଣାସୀ, ପ୍ରୟାଗରାଜ** | ଜାନୁଆରୀ ୧୨, ୧୩, ୧୮, ୨୦, ୨୪, ୨୭, ୩୦<br>ଫେବୃଆରୀ ୨, ୫, ୭, ୧୧, ୧୬, ୨୪, ୨୫, ୨୬ |
| ସମ୍ବଲପୁର - ଅଯୋଧ୍ୟା | ରାଉରକେଲା, ରାଞ୍ଚି, ଔରଙ୍ଗାବାଦ, **ବାରାଣାସୀ, ପ୍ରୟାଗରାଜ** | |
| ଭବାନୀପାଟଣା - ଅଯୋଧ୍ୟା | ନୂଆପଡ଼ା, ବିଳାସପୁର, ଅମ୍ବିକାପୁର, **ବାରାଣାସୀ, ପ୍ରୟାଗରାଜ** | |
| ବ୍ରହ୍ମପୁର - ଅଯୋଧ୍ୟା | ଫୁଲବାଣୀ, ଝାରସୁଗୁଡ଼ା, ଅମ୍ବିକାପୁର, **ବାରାଣାସୀ, ପ୍ରୟାଗରାଜ** | |

## ଏହି ସେବାର ବୈଶିଷ୍ଟ୍ୟ

- ଲାଇଭ୍ ଯାନ ଟ୍ରାକିଂ
- ସିସିଟିଭି କ୍ୟାମେରା
- ଉନ୍ନତ ଡ୍ରାଇଭର ସହାୟତା ବ୍ୟବସ୍ଥା
- ପ୍ୟାନିକ୍ ବଟନ୍
- ଅଗ୍ନି ସୁରକ୍ଷା ବ୍ୟବସ୍ଥା

**ମହିଳାଙ୍କ ପାଇଁ ୫୦% ରିହାତି**

- ଖାଦ୍ୟ ଓ ପାନୀୟ ବ୍ୟବସ୍ଥା
- ଲୋକାଲ୍ ଗାଇଡ୍ ବ୍ୟବସ୍ଥା
- ମୋବାଇଲ୍ ଚାର୍ଜିଂ ବ୍ୟବସ୍ଥା
- ୨୪/୭ ହେଲ୍ପଲାଇନ
- ରାଉଣ୍ଡ ଟ୍ରିପ୍ (ଯିବା ଓ ଆସିବା ବ୍ୟବସ୍ଥା)

ଓଏସ୍‌ଆର୍‌ଟିସିର ୱେବ୍‌ସାଇଟ୍, ମୋବାଇଲ୍ ଆପ୍ କିମ୍ବା ନିକଟସ୍ଥ ଟିକେଟ୍ କାଉଣ୍ଟରରୁ ବୁକ୍ କରିପାରିବେ ଆପଣଙ୍କ ଟିକେଟ୍ ।

SCAN NOW

ଏବେ ହିଁ ଆମର ଅଫିସିଆଲ୍ ଆପ୍ ଡାଉନ୍‌ଲୋଡ୍ କରନ୍ତୁ ।

GET IT ON Google Play | Download on the App Store

@OSRTC_Odisha | @osrtc_odisha | @OSRTC_Odisha

ଅଧିକ ସୂଚନା ପାଇଁ www.osrtc.org ସହ ଯୋଡ଼ି ରୁହନ୍ତୁ ।

୧୮୦୦ ୩୪୫ ୧୧୨୨ | ୭୮୪୯୦୫୨୨୦୫

OIPR-38002/13/0010/2425



ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର

# ଟୋକିଓ ସବୁଠୁ ଜନବହୁଳ ସହର, ଦ୍ୱିତୀୟରେ ଦିଲ୍ଲୀ



**ନୂଆଦିଲ୍ଲୀ,୧୨।୧**

ବିଶ୍ୱ ଜନସଂଖ୍ୟା ଦ୍ରୁତ ବୃଦ୍ଧି ପାଇ ୮ ବିଲିୟନ ଅତିକ୍ରମ କରିଛି। ନିଜ ଭବିଷ୍ୟତ ଗଢ଼ିବା ପାଇଁ ଲୋକେ ସହରାଭିମୁଖୀ ହେବାରେ ଲାଗିଛନ୍ତି। ବୈଶ୍ୱିକୀକରଣ ଏବଂ ସହରୀକରଣ ଯୋଗୁ ବଡ଼ ସହରଗୁଡ଼ିକରେ ବାହାରୁ ଆସୁଥିବା ଲୋକେ ବସବାସ ପାଇଁ ଉନ୍ନତ ସୁବିଧା ଏବଂ କର୍ମନିଯୁକ୍ତି ପାଇପାରୁଛନ୍ତି। ଏଥିଯୋଗୁ ବିଶ୍ୱର ବଡ଼ ୫୦ ମହାନଗର ଅତ୍ୟଧିକ ଜନବହୁଳ ହୋଇଗଲାଣି। ୱାର୍ଲ୍ଡ ପପୁଲେଶନ ରିଭ୍ୟୁ,୨୦୨୪ ସୂତ୍ରରୁ ହସ୍ତଗତ ତଥ୍ୟ ଅନୁଯାୟୀ, ଟୋକିଓ ସବୁଠୁ ଜନବହୁଳ ମହାନଗର ହୋଇଥିବାବେଳେ ଦିଲ୍ଲୀ ଦ୍ୱିତୀୟ ସ୍ଥାନରେ ରହିଛି। ଏଥିରେ ମୁମ୍ବାଇ, କୋଲକାତା ଓ ଚେନ୍ନାଇ ଯଥାକ୍ରମେ ୯ମ, ୧୭ତମ ଏବଂ ୨୬ତମ ସ୍ଥାନରେ ରହିଛନ୍ତି। ଏହି ସହରଗୁଡ଼ିକ ଓ ବସବାସ କରୁଥିବା ଲୋକଙ୍କ ସଂଖ୍ୟାକୁ ନେଇ ଏକ ରିପୋର୍ଟ।

| କ୍ର.ନଂ. | ସହର | ଦେଶ | ଜନସଂଖ୍ୟା |
|---|---|---|---|
| ୧. | ଟୋକିଓ | ଜାପାନ | ୩୭,୧୧୫,୦୦୦ |
| ୨. | ଦିଲ୍ଲୀ | ଭାରତ | ୩୩,୮୦୭,୪୦୦ |
| ୩. | ସାଂଘାଇ | ଚାଇନା | ୨୯,୮୬୭,୯୦୦ |
| ୪. | ଢାକା | ବାଂଲାଦେଶ | ୨୩,୯୩୫,୭୦୦ |
| ୫. | ସାଓ ପାଓଲୋ | ବ୍ରାଜିଲ | ୨୨,୮୦୬,୭୦୦ |
| ୬. | କାଏରୋ | ଇଜିପ୍ଟ | ୨୨,୬୨୩,୯୦୦ |
| ୭. | ମେକ୍ସିକୋ ସିଟି | ମେକ୍ସିକୋ | ୨୨,୫୦୫,୩୦୦ |
| ୮. | ବେଜିଂ | ଚାଇନା | ୨୨,୧୮୯,୧୦୦ |
| ୯. | ମୁମ୍ବାଇ | ଭାରତ | ୨୧,୬୭୩,୧୦୦ |
| ୧୦. | ଓସାକା | ଜାପାନ | ୧୮,୯୬୭,୫୦୦ |
| ୧୧. | ଚୋଙ୍ଗକିଙ୍ଗ୍ | ଚାଇନା | ୧୭,୭୭୩,୯୦୦ |
| ୧୨. | କରାଚୀ | ପାକିସ୍ତାନ | ୧୭,୬୪୮,୬୦୦ |
| ୧୩. | କିନ୍‌ଶାସା | କଙ୍ଗୋ ସାଧାରଣତନ୍ତ୍ର | ୧୭,୦୩୨,୩୦୦ |
| ୧୪. | ଲାଗୋସ୍ | ନାଇଜେରିଆ | ୧୬,୫୩୬,୦୦୦ |
| ୧୫. | ଇସ୍ତାନବୁଲ୍ | ତୁର୍କୀ | ୧୬,୦୪୭,୪୦୦ |
| ୧୬. | ବୋଏନୋସ୍ ଏୟାରେସ୍ | ଆର୍ଜେଣ୍ଟିନା | ୧୫,୬୧୮,୩୦୦ |
| ୧୭. | କୋଲକାତା | ଭାରତ | ୧୫,୫୭୦,୮୦୦ |
| ୧୮. | ମାନିଲା | ଫିଲିପାଇନ୍ସ | ୧୪,୯୪୨,୦୦୦ |
| ୧୯. | ଗୁଆଙ୍ଗଝୌ | ଚାଇନା | ୧୪,୫୯୦,୧୦୦ |
| ୨୦. | ତିଆନଜିନ୍ | ଚାଇନା | ୧୪,୪୭୦,୯୦୦ |
| ୨୧. | ଲାହୋର | ପାକିସ୍ତାନ | ୧୪,୪୦୭,୧୦୦ |
| ୨୨. | ବେଙ୍ଗାଲୁରୁ | ଭାରତ | ୧୪,୦୦୮,୩୦୦ |
| ୨୩. | ରିଓ ଡି ଜେନେରିଓ | ବ୍ରାଜିଲ | ୧୩,୮୨୪,୩୦୦ |
| ୨୪. | ଶେନ୍‌ଝେନ | ଚାଇନା | ୧୩,୩୩୧,୯୦୦ |
| ୨୫. | ମସ୍କୋ | ରୁଷିଆ | ୧୨,୭୧୨,୩୦୦ |
| ୨୬. | ଚେନ୍ନାଇ | ଭାରତ | ୧୨,୦୫୩,୭୦୦ |
| ୨୭. | ବୋଗୋଟା | କଲମ୍ବିଆ | ୧୧,୬୫୮,୨୦୦ |
| ୨୮. | ଜାକର୍ତ୍ତା | ଇଣ୍ଡୋନେସିଆ | ୧୧,୪୩୬,୦୦୦ |
| ୨୯. | ଲିମା | ପେରୁ | ୧୧,୩୬୧,୯୦୦ |
| ୩୦. | ପ୍ୟାରିସ୍ | ଫ୍ରାନ୍ସ | ୧୧,୨୩୩,୯୦୦ |
| ୩୧. | ବ୍ୟାଙ୍କକ | ଥାଇଲାଣ୍ଡ | ୧୧,୨୭୬,୭୦୦ |
| ୩୨. | ହାଇଦ୍ରାବାଦ | ଭାରତ | ୧୧,୦୬୮,୯୦୦ |
| ୩୩. | ସିଓଲ | ଦକ୍ଷିଣ କୋରିଆ | ୧୦,୦୦୪,୮୦୦ |
| ୩୪. | ନାନ୍‌ଜିଙ୍ଗ୍ | ଚାଇନା | ୯,୯୪୭,୫୫୦ |
| ୩୫. | ଚେଙ୍ଗ୍‌ଡୁ | ଚାଇନା | ୯,୮୨୮,୧୧୦ |
| ୩୬. | ଲଣ୍ଡନ | ବ୍ରିଟେନ | ୯,୭୪୮,୦୩୦ |
| ୩୭. | ଲୁଆଣ୍ଡା | ଅଙ୍ଗୋଲା | ୯,୬୧୬,୦୧୦ |
| ୩୮. | ତେହରାନ୍ | ଇରାନ | ୯,୬୫୧,୦୩୦ |
| ୩୯. | ହୋଚିମିନ୍ ସିଟି | ଭିଏତ୍‌ନାମ୍ | ୯,୫୬୭,୬୬୦ |
| ୪୦. | ନଗୋୟା | ଜାପାନ | ୯,୫୫୬,୮୮୦ |
| ୪୧. | ଶିଆନ୍ | ଚାଇନା | ୯,୦୧୩,୮୪୦ |
| ୪୨. | ଅହମଦାବାଦ | ଭାରତ | ୮,୮୫୪,୪୪୦ |
| ୪୩. | ଉହାନ | ଚାଇନା | ୮,୮୫୦,୮୫୦ |
| ୪୪. | କ୍ୱାଲାଲୁମ୍ପୁର | ମାଲେସିଆ | ୮,୮୧୫,୬୩୦ |
| ୪୫. | ହଙ୍ଗଝୌ | ଚାଇନା | ୮,୪୧୯,୮୪୦ |
| ୪୬. | ସୁଝୌ | ଚାଇନା | ୮,୩୫୦,୬୨୦ |
| ୪୭. | ସୁରଟ | ଭାରତ | ୮,୩୩୦,୫୩୦ |
| ୪୮. | ଦର୍ ଏସ୍ ସଲାମ | ତାଞ୍ଜାନିଆ | ୮,୧୬୧,୨୩୦ |
| ୪୯. | ନ୍ୟୁୟର୍କ ସିଟି | ଆମେରିକା | ୮,୦୯୭,୨୮୨ |
| ୫୦. | ବାଗ୍‌ଦାଦ | ଇରାକ | ୭,୯୨୧,୧୩୦ |

# ପୋଲିସ ଗୁଳିରେ ୫ ମାଓବାଦୀ ନିହତ

**ମାଲକାନଗିରି,୧୨।୧**
**(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ପୁଣି ଥରେ ମାଓବାଦୀ ଏବଂ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ଯବାନଙ୍କ ଗୁଳିରେ ୫ ଜଣ ମାଓବାଦୀ ନିହତ ହୋଇଛନ୍ତି। ମୃତ ମାଓବାଦୀଙ୍କ ମଧ୍ୟରେ ୨ ମହିଳା ରହିଛନ୍ତି। ଛତିଶଗଡ଼ ବିଜାପୁର ଜିଲାର ମଦେଡ ଥାନା ଅନ୍ତର୍ଗତ ବାନ୍ଦେପାରା ଏବଂ କୋରାନଜାଡେ ଜଙ୍ଗଲରେ ରବିବାର ଯବାନମାନେ ମାଓବାଦୀ ଦମନ ତଲାସି ଅଭିଯାନ ଚଳାଇଥିବାବେଳେ ସୁରକ୍ଷା ବାହିନୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଯବାନଙ୍କ ସାମ୍ନା କରି ନ ପାରି କେତେଜଣ ମାଓବାଦୀ ଘଞ୍ଚ ଜଙ୍ଗଲ ମଧ୍ୟରେ ଲୁଚି ଯାଇଥିଲେ। ଯବାନମାନେ ଉକ୍ତ ଅଞ୍ଚଳରେ ପୁନଃ ତଲାସି ଅଭିଯାନ ଜାରି ରଖିଛନ୍ତି। ତେବେ ମୃତ ମାଓବାଦୀଙ୍କ ନିକଟରୁ ଗୋଟିଏ ସେଲ୍ଫ ଲୋଡିଂ ରାଇଫଲ(ଏସ୍ଏଲ୍ଆର୍), ବେରେଲ ଗ୍ରେନେଡ୍ ଲଞ୍ଚର(ବିଜିଏଲ୍), ମଜଲ ଲୋଡିଂ ଗନ୍, ଟୁଏଲ୍‌ଭ ବୋର୍ ରାଇଫଲ, ୨ଟି ସିଙ୍ଗଲ ସଟ୍ ରାଇଫଲ ସହ ବିଭିନ୍ନ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି ବୋଲି ବସ୍ତର ରେଞ୍ଜ ଇନ୍ସପେକ୍ଟର ଜେନେରାଲ ଅଫ୍ ପୋଲିସ (ଆଇଜିପି) ସୁନ୍ଦରରାଜ ପି. ସୂଚନା ଦେଇଛନ୍ତି।

# ଗ୍ରୀନ୍‌ଲାଣ୍ଡ କିଣିବାକୁ ଚାହୁଁଛନ୍ତି ଟ୍ରମ୍ପ୍

**ୱାଶିଂଟନ, ୧୨।୧**

ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପୁଣିଥରେ ଡେନ୍‌ମାର୍କର ସ୍ୱୟଂଶାସିତ ଅଞ୍ଚଳ ଏବଂ ବିଶ୍ୱର ସବୁଠୁ ବଡ଼ ଦ୍ୱୀପ ଗ୍ରୀନ୍‌ଲାଣ୍ଡକୁ କିଣିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ୨୦୧୯ରେ ମଧ୍ୟ ସେ ତାଙ୍କ ପ୍ରଥମ କାର୍ଯ୍ୟକାଳ ସମୟରେ ଏହି ପ୍ରସଙ୍ଗ ଉପରେ ବିଚାର କରିଥିଲେ। ତେବେ ସେତେବେଳେ ସେ ଏନେଇ କୌଣସି ପଦକ୍ଷେପ ନେଇ ନ ଥିଲେ।

ଆସନ୍ତା ୨୦ରେ ଆମେରିକା ରାଷ୍ଟ୍ରପତି ଭାବେ ଶପଥ ନେବାକୁ ଥିବା ଟ୍ରମ୍ପ୍ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଗ୍ରୀନ୍‌ଲାଣ୍ଡକୁ ସାମିଲ କରିବା ପାଇଁ ଆମେରିକା ପକ୍ଷରୁ ଡେନ୍‌ମାର୍କ ବିରୋଧରେ ସାମରିକ କିମ୍ବା ବିଭିନ୍ନ ଅର୍ଥନୈତିକ ଉପାୟଗୁଡ଼ିକୁ ବ୍ୟବହାର କରାଯିବାର ସମ୍ଭାବନାକୁ ସେ ଏଡ଼ାଇବେ ନାହିଁ। ସାମ୍ପ୍ରତିକ ସ୍ଥିତିରେ ଚାଇନା ଓ ରୁଷିଆର ଜାହାଜ ଉପରେ ନଜର ରଖିବା ପାଇଁ ଗ୍ରୀନଲାଣ୍ଡ ଦ୍ୱୀପ ସର୍ବୋତ୍ତମ ସ୍ଥାନ। ସେହିପରି ଆମେରିକାର ଆର୍ଥିକ ସୁରକ୍ଷା ପାଇଁ ମଧ୍ୟ ଗ୍ରୀନଲାଣ୍ଡ ଆବଶ୍ୟକ ବୋଲି ଟ୍ରମ୍ପ୍ କହିଛନ୍ତି। ତେବେ ୨୦୧୯ରେ



ଟ୍ରମ୍ପ୍ ଗ୍ରୀନ୍‌ଲାଣ୍ଡକୁ କିଣିବା ପାଇଁ ଇଚ୍ଛା ଜାହିର କରିବା ପରେ ଡେନ୍‌ମାର୍କ ପ୍ରଧାନମନ୍ତ୍ରୀ ମେଟେ ଫ୍ରେଡରିକସେନ୍ ଟ୍ରମ୍ପ୍‌ଙ୍କୁ ସମାଲୋଚନା କରିଥିଲେ। ଏହାପରେ ଟ୍ରମ୍ପ୍ ଡେନ୍‌ମାର୍କକୁ ନିଜ ଯାତ୍ରା ବାତିଲ କରିଥିଲେ। ଫ୍ରେଡରିକସେନ୍ ନିକଟରେ ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ କହିଛନ୍ତି, ଗ୍ରୀନ୍‌ଲାଣ୍ଡ ବିକ୍ରି ପାଇଁ ନୁହେଁ କେବଳ ସ୍ଥାନୀୟ ଜନସାଧାରଣ ହିଁ ଗ୍ରୀନ୍‌ଲାଣ୍ଡ ଓ ଏହାର ଲୋକଙ୍କ ଭବିଷ୍ୟତର ନିଷ୍ପତ୍ତି ନେବେ। ତେବେ ପୂର୍ବରୁ ଗ୍ରୀନ୍‌ଲାଣ୍ଡ ପ୍ରଧାନମନ୍ତ୍ରୀ ମ୍ୟୁଟ୍ ଏଗେଡେ ବିଶ୍ୱର ଏହି ସବୁଠାରୁ ବଡ଼ ଦ୍ୱୀପକୁ ବିକ୍ରି କରିବାକୁ ଦିଆଯିବ ନାହିଁ ବୋଲି କହିଥିଲେ। ତେବେ ଗ୍ରୀନ୍‌ଲାଣ୍ଡକୁ କିଣିବା ପାଇଁ ଟ୍ରମ୍ପ୍ ଇଚ୍ଛା ପ୍ରକାଶ କରିବା ପରେ ସେ ଏବେ ତାଙ୍କ ସ୍ୱର ବଦଳାଇଛନ୍ତି। ଏହି ପ୍ରସଙ୍ଗରେ ସେ ଟ୍ରମ୍ପ୍‌ଙ୍କ ସହ ଆଲୋଚନା କରିବାକୁ ପ୍ରସ୍ତୁତ ଥିବା ଏଗେଡେ କହିଛନ୍ତି। ସେ କହିଛନ୍ତି, ଗ୍ରୀନଲାଣ୍ଡବାସୀ ସ୍ୱାଧୀନତା ଚାହାନ୍ତି। ସେମାନେ ଆମେରିକୀୟ କିମ୍ବା ଡେନ୍‌ମାର୍କର ବାସିନ୍ଦା ହେବାକୁ ଚାହାନ୍ତି ନାହିଁ।

ଏକ ମିଡିଆ ରିପୋର୍ଟ ଅନୁଯାୟୀ, ୮ ଲକ୍ଷ ୩୬ ହଜାର ବର୍ଗ ମାଇଲରେ ପରିବ୍ୟାପ୍ତ ଗ୍ରୀନ୍‌ଲାଣ୍ଡକୁ ଆନୁମାନିକ ୨୩୦.୨୫ ମିଲିୟନ ଡଲାର ମୂଲ୍ୟରେ ଆମେରିକା କିଣିବାକୁ ଯୋଜନା ରଖିଛି। ତେବେ ପ୍ରଥମଥର ପାଇଁ ଆମେରିକା କୌଣସି ବାହ୍ୟ ଅଞ୍ଚଳକୁ କିଣିବା ଲାଗି ଯୋଜନା କରୁନାହିଁ। ୧୮୬୭ରେ ଆମେରିକା ୭.୨ ମିଲିୟନ ଡଲାର ମୂଲ୍ୟରେ ଆଲାସ୍କାକୁ ରୁଷିଆଠାରୁ କିଣିଥିଲା। ଆଲାସ୍କା ପରି ଗ୍ରୀନ୍‌ଲାଣ୍ଡ ମଧ୍ୟ ଶୀତଳ ଜଳବାୟୁ, କମ୍ ଜନସଂଖ୍ୟା ଘନତ୍ୱ, ତୈଳଭଣ୍ଡାର ଆଦି ପାଇଁ ଜଣାଶୁଣା।






# ଟ.୨୭୦୦ କୋଟିରୁ ଅଧିକ ନିବେଶ ସହିତ ୬.୪ କିମି ଦୀର୍ଘ ସୋନମାର୍ଗ ଟନେଲର ଶୁଭ ଉଦ୍‌ଘାଟନ

## ପ୍ରକଳ୍ପର ଲାଭ

- ଶ୍ରୀନଗର ଓ ଲଦାଖ ମଧ୍ୟରେ ସବୁଦିନିଆ ସଂଯୋଗୀକରଣ, ଲକ୍ଷ ଲକ୍ଷ ଜନସାଧାରଣଙ୍କ ଜୀବନ ହେବ ସହଜ
- ଦେଢ଼ ଘଣ୍ଟାର ଯାତ୍ରାକୁ ଏବେ ମାତ୍ର ୪୦ ମିନିଟ୍‌ରେ ସମ୍ପୂର୍ଣ୍ଣ କରିହେବ, ସମୟ, ଇନ୍ଧନ ଓ ଲଜିଷ୍ଟିକ ଖର୍ଚ୍ଚ ବଞ୍ଚିବ
- ସୋନମାର୍ଗ ଓ ଅନ୍ୟାନ୍ୟ ଗନ୍ତବ୍ୟସ୍ଥଳୀକୁ ସୁରକ୍ଷିତ ସଂଯୋଗୀକରଣ ସହିତ ସବୁ ଋତୁର ପର୍ଯ୍ୟଟନକୁ ପ୍ରୋତ୍ସାହନ ଏବଂ ହୋଟେଲ୍, ପରିବହନ ଏବଂ ରେଷ୍ଟୋରାଁ ଭଳି ସ୍ଥାନୀୟ ବ୍ୟବସାୟଗୁଡ଼ିକ ଲାଗି ସୁଯୋଗ ଉନ୍ମୁକ୍ତ
- କେଶର, ସେଓ, ଅଖରୋଟ, ଚେରୀ, କାହ୍‌ୱା ଭଳି ସ୍ଥାନୀୟ କୃଷିଜାତ ଉତ୍ପାଦ ପାଇଁ ବଜାର ସୁଗମତା ବୃଦ୍ଧି ପାଇବ
- ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଉନ୍ନତ ଉପଲବ୍ଧତା ଏବଂ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରତି ପହଞ୍ଚ
- ଉନ୍ନତ ସଂଯୋଗୀକରଣ ପୁଞ୍ଜିନିବେଶକୁ ଆକର୍ଷିତ କରିବ, ନୂଆ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ ।
- ସୀମାନ୍ତବର୍ତ୍ତୀ ଅଞ୍ଚଳଗୁଡ଼ିକର ସବୁ ଋତୁରେ ସୁରୁଖୁରୁ ପହଞ୍ଚର ସୁବିଧା, ଯାହା ଜାତୀୟ ନିରାପତ୍ତାକୁ ଉନ୍ନତ କରିବ
- ୬.୪ କିମି ଲମ୍ବା ଟନେଲ୍ ସହିତ ପ୍ରକଳ୍ପରେ ଭାରୀଯାନର ଚଳାଚଳ ପାଇଁ ସମର୍ପିତ ୬ କିମି ଲମ୍ବା ଆପ୍ରୋଚ୍ ରୋଡ୍ ଏବଂ ୪ କିମି ଲମ୍ବା କ୍ରିପର ଲେନ୍ ଅନ୍ତର୍ଭୁକ୍ତ ।

ପ୍ରଧାନମନ୍ତ୍ରୀ

## ନରେନ୍ଦ୍ର ମୋଦୀଙ୍କ

କରକମଳରେ

**ସୋମବାର, ଦିନାଙ୍କ : ୧୩ ଜାନୁଆରୀ, ୨୦୨୫ ସମୟ : ପୂର୍ବାହ୍ନ ୧୧.୩୦ ଘଟିକା**
**ସ୍ଥାନ : ଗ୍ରାମ ଶୁତକଡି, (ସୋନମାର୍ଗ), ଜିଲ୍ଲା : ଗନ୍ଦରବଲ, ଜମ୍ମୁ ଓ କଶ୍ମୀର**

ଗରିମାମୟ ଉପସ୍ଥିତି

**ନୀତୀନ ଗଡ଼କରୀ**
କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ

**ଡା. ଜିତେନ୍ଦ୍ର ସିଂହ**
କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ
(ସ୍ୱାଧୀନ ଦାୟିତ୍ୱ)

**ଅଜୟ ଟମ୍‌ଟା**
କେନ୍ଦ୍ର ସଡ଼କ ପରିବହନ
ଓ ରାଜପଥ ରାଷ୍ଟ୍ରମନ୍ତ୍ରୀ

**ହର୍ଷ ମାଲହୋତ୍ରା**
କେନ୍ଦ୍ର କର୍ପୋରେଟ୍ ବ୍ୟାପାର ଓ ସଡ଼କ ପରିବହନ
ଏବଂ ରାଜପଥ ରାଷ୍ଟ୍ରମନ୍ତ୍ରୀ

**ମନୋଜ ସିହ୍ନା**
ଉପ-ରାଜ୍ୟପାଳ, ଜମ୍ମୁ ଓ କଶ୍ମୀର
କେନ୍ଦ୍ରଶାସିତ ଅଞ୍ଚଳ

**ଓମାର ଅବ୍‌ଦୁଲ୍ଲା**
ମୁଖ୍ୟମନ୍ତ୍ରୀ
ଜମ୍ମୁ ଓ କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ

**ସୁରିନ୍ଦର କୁମାର ଚୌଧାରୀ**
ଉପ ମୁଖ୍ୟମନ୍ତ୍ରୀ
ଜମ୍ମୁ ଓ କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ

**ସୁନୀଲ ଶର୍ମା**
ବିରୋଧୀ ଦଳ ନେତା,
ଜମ୍ମୁ ଓ କଶ୍ମୀର ବିଧାନସଭା

**ଆଗା ସୟଦ ରୁହୁଲ୍ଲା ମେହ୍‌ଦି**
ସାଂସଦ, ଲୋକ ସଭା, ଶ୍ରୀନଗର

**ଗୁଲାମ ଅଲୀ**
ସାଂସଦ, ରାଜ୍ୟ ସଭା

cbc 37107/15/0006/2425




DD NEWS ଡିଡି ନ୍ୟୁଜ୍‌ରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ

**ଆଜି ମହାପ୍ରଭୁଙ୍କ ରାଜରାଜେଶ୍ୱର ବେଶ**

ପୁରୀ,(ଅଜିତ୍ କୁମାର ମହାନ୍ତି)- ପୌଷପୂର୍ଣ୍ଣିମାରେ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପୁଷ୍ୟାଭିଷେକ ନୀତି ଅନୁଷ୍ଠିତ ହେବ। ପୌଷପୂର୍ଣ୍ଣିମାରେ ଶ୍ରୀବିଗ୍ରହମାନେ ରାଜରାଜେଶ୍ୱର ବା ସୁନାବେଶରେ ସୁସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ। ଏହି ପରିପ୍ରେକ୍ଷୀରେ ପୁଷ୍ୟାଭିଷେକ ପୂର୍ବଦିନ ଅର୍ଥାତ ପୌଷ ଶୁକ୍ଳ ଚତୁର୍ଦ୍ଦଶୀ ରବିବାର ଶ୍ରୀମନ୍ଦିରରେ ବିଶେଷ ନୀତି ଯଥା- ଜଳାଭିଷେକ, ଅଙ୍କୁରାରୋପଣ ଓ ଦର୍ପଣ ଅଧିବାସ ନୀତି ସମ୍ପନ୍ନ ହୋଇଛି। ରବିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଚନ୍ଦନଲାଗି ନୀତି ପରେ ଅଧିବାସ କର୍ମ କରାଯିବା ସହ ଅନ୍ୟାନ୍ୟ ନୀତି ସମ୍ପନ୍ନ କରାଯାଇଥିଲା ।



# ସମାଜକୁ ସଂସ୍କାର ପଥରେ ଆଗେଇ ନେବ ଆଧ୍ୟାତ୍ମିକତା

ପୁରୀ,୧୨।୧(ଅଜିତ୍ କୁମାର ମହାନ୍ତି)



ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଜକୁ ୧୦୩ ବର୍ଷ ତଳେ ବିଶ୍ୱର ଅନନ୍ୟ ଆଧ୍ୟାତ୍ମିକ ପୀଠ ପୁରୀ ମାଟିରେ ପଦାର୍ପଣ କରିଥିଲେ। ଏହି ପବିତ୍ର ସ୍ମୃତିକୁ ପୁନର୍ଜୀବିତ କରିବାକୁ ଉତ୍କଳ ଆଗମନୀ ସ୍ମୃତି ଉତ୍ସବ କମିଟିର ପ୍ରୟାସ ପ୍ରଶଂସନୀୟ ବୋଲି ପୂର୍ବତନ ଆରଡିସି ସୁରେଶ ଚନ୍ଦ୍ର ଦଳାଇ କହିଛନ୍ତି। ରବିବାର ପୁରୀ ତାଳବଣିଆରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ଉତ୍କଳ ଆଗମନୀର ୧୦୩ ବର୍ଷ ପୂର୍ତ୍ତି ମହୋତ୍ସବ ପାଳିତ ହୋଇଯାଇଛି। ଉତ୍କଳ ମାଟିରେ ପୁରୁଷୋତ୍ତମଙ୍କ ପଦାର୍ପଣ ସ୍ମୃତିର ପୁଲକ ଆଜି ପ୍ରତ୍ୟେକଙ୍କ ପ୍ରାଣକୁ ଭକ୍ତି ରସାଣିତ କରିଛି। ଆଜିର ସମାଜ କଳୁଷିତ ହେଉଥିବାବେଳେ ଆଧ୍ୟାତ୍ମିକତା ଓ ଧାର୍ମିକ ଭାବନା ସମାଜକୁ ସଂସ୍କାର ପଥରେ ଆଗେଇ ନେବାରେ ସହାୟକ ହେବ ବୋଲି ଦଳାଇ କହିଥିଲେ।

ମୁଖ୍ୟ ବକ୍ତା ଭାବେ ଦେଓଘର ସତ୍ସଙ୍ଗର ଡ. ଅକ୍ଷୟ କୁମାର ମିଶ୍ର କହିଥିଲେ, କର୍ମ କରିବା ଆମର ଅଧିକାର। ଭାଗ୍ୟ ଓ ଫଳ ପ୍ରଭୁଙ୍କୁ ସମର୍ପଣ କରିବା ଉଚିତ। ପ୍ରତ୍ୟେକଙ୍କୁ ଆଧ୍ୟାତ୍ମିକ ମାର୍ଗରେ ପରିଚାଳିତ ହେବା ପାଇଁ ଈଶ୍ୱର ସୁଯୋଗ ଦେଇଥାନ୍ତି। ଏହାର ଉପଯୋଗ ସମସ୍ତଙ୍କ ଧ୍ୟେୟ ହେଉ ବୋଲି ସେ ପ୍ରକାଶ କରିଥିଲେ। ଉତ୍କଳ ଆଗମନୀର ସ୍ୱାଗତ ସଙ୍ଗୀତ ସମାବେଶରେ ପରିବେଷଣ କରାଯାଇଥିଲା। ଉତ୍ସବ କମିଟି ଯୁଗ୍ମସମ୍ପାଦକ ନିରଞ୍ଜନ ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ ଠାକୁରଙ୍କ ଆଗମନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଡ. ନୃସିଂହ ପ୍ରସାଦ ତ୍ରିପାଠୀ ସଭା ପରିଚାଳନା କରିଥିଲେ। ଉତ୍କଳ ଆଗମନୀ ସ୍ମୃତି କମିଟି ତରଫରୁ ଆୟୋଜିତ ଏହି ବିଶାଳ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରତ୍ୟୁଷରୁ ବେଦ, ମାଙ୍ଗଳିକ, ନହବତ, ଊଷା କୀର୍ତ୍ତନ, ଊଷା ବିନତି ପ୍ରାର୍ଥନା ଓ ସଦ୍‌ଗ୍ରନ୍ଥାଦି ପାଠ ପରେ ସକାଳ ୭ଟା ୩୦ରେ ଉତ୍ସବର ଉଦ୍‌ଘାଟନୀ ସମାବେଶ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ପୁରୀ ଠାକୁରବାଡ଼ି ପରିସରରୁ ରେଳଷ୍ଟେଶନ ପର୍ଯ୍ୟନ୍ତ ବିଭିନ୍ନ ପ୍ରାନ୍ତରୁ ଆସିଥିବା ସହସ୍ରାଧିକ ଭକ୍ତଙ୍କ ମେଳରେ ରଥାରୂଢ଼ ଶ୍ରୀ ଶ୍ରୀ ଠାକୁର, ଶ୍ରୀ ଶ୍ରୀ ବଡ଼ମା ଏବଂ ପରମ ପୂଜ୍ୟପାଦ ଶ୍ରୀ ଶ୍ରୀ ବଡ଼ଦାଙ୍କ ଶ୍ରୀବିଗ୍ରହକୁ ବିଶାଳ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ମଧ୍ୟରେ ପରିକ୍ରମା କରାଯାଇଥିଲା। ତାଳବଣିଆ ପଡ଼ିଆରେ ୩ଟି ମଞ୍ଚ କରାଯାଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତନ୍ମଧ୍ୟରୁ ପ୍ରଥମଟି ପ୍ରଣାମ ମଣ୍ଡପରେ ଭଜନ କୀର୍ତ୍ତନ ଆଦି କରାଯାଇ ଅପରାହ୍ନ ୩ଟାରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ମଞ୍ଚରେ କିଶୋର ଚକ୍ର, ଯୁବ ସମ୍ମିଳନୀ, ଚିକିତ୍ସକ ସମ୍ମିଳନୀ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ କୃଷି ବିଭାଗର ପ୍ରମୁଖ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଯୋଗଦେଇ ଶ୍ରୀ ଶ୍ରୀ ଠାକୁରଙ୍କ ଭାବାଦର୍ଶ ସହ ବିଜ୍ଞାନର ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ। ଡ. ହୃଷୀକେଶ ସେନାପତି, ହିମାଚଳ ପ୍ରଦେଶ ସୋଲାନର ପୂର୍ବତନ ଜିଲାପାଳ କେ.ସି. ଚମନ, ଇଂ. ରଞ୍ଜିତ କୁମାର ମୁଦୁଲି, କ୍ଷିତିଶ ମୋହନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ସଭାକୁ ପ୍ରତିଋତ୍ୱିକ ବିନାୟକ ମହାପାତ୍ର ପରିଚାଳନା କରିଥିଲେ। ଉତ୍ସବରେ ଅନ୍ୟୂନ ୫୦ହଜାର ଭକ୍ତ ଯୋଗଦେଇ ପ୍ରସାଦ ସେବନ କରିଥିଲେ। ଦିବସ ବ୍ୟାପି ଦୀକ୍ଷାପତ୍ର ଓ ଦୀକ୍ଷାଦାନ କାର୍ଯ୍ୟକ୍ରମ ଚାଲିଥିଲା। ସନ୍ଧ୍ୟା ସମୟରେ ଠାକୁର ବାଡ଼ି ପରିସରରେ ଶ୍ରୀଧର ସୁନ୍ଦର ମିଶ୍ରଙ୍କ ଅଧ୍ୟକ୍ଷତାରେ ସତ୍‌ସଙ୍ଗ ଅନୁଷ୍ଠିତ ପରେ ଉତ୍ସବ ଉଦ୍‌ଯାପିତ ହୋଇଥିଲା।

**ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ରଙ୍କ ପୁରୀ ପଦାର୍ପଣ ସ୍ମୃତିର ୧୦୩ ବର୍ଷ ପାଳିତ**




୧୨।୧।୨୦୨୫

| | |
|---|---|
| ୯,୦୧,୮୬୮ ଟଙ୍କା | |
| ସୁନା | ୪୮.୩୦୦ ଗ୍ରାମ୍ |
| ରୁପା | ୬୩ ଗ୍ରାମ୍ |

## ଶ୍ରୀକ୍ଷେତ୍ର ପୁସ୍ତକ ମେଳା ଉଦ୍‌ଯାପିତ



ଉତ୍ସବରେ ଐତିହ୍ୟ ଗବେଷକ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କୁ ସମ୍ମାନିତ କରାଯାଉଛି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

ପୁରୀ,୧୨।୧(ଅଜିତ୍ କୁମାର ମହାନ୍ତି)

**ବୈଷ୍ଣବ ସାମଲ, ମୃତ୍ୟୁଞ୍ଜୟ ରଥ, ସୁରେନ୍ଦ୍ର ମିଶ୍ର, ଶଙ୍କର ତ୍ରିପାଠୀ ସମ୍ମାନିତ**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟିର ମିଳିତ ଆନୁକୂଲ୍ୟରେ ଶରଧାବାଲିଠାରେ ଗତ ୧୦ଦିନ ଧରି ଚାଲିଥିବା ୨୯ତମ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ରବିବାର ଉଦ୍‌ଯାପିତ ହୋଇଯାଇଛି। କମିଟି ସଭାପତି କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଚକ୍ରଧର ମହାପାତ୍ର ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କୁ ରାଜ୍ୟସ୍ତରୀୟ ସମ୍ମାନ ଏବଂ ପ୍ରାବନ୍ଧିକ ଅଧ୍ୟାପକ ମୃତ୍ୟୁଞ୍ଜୟ ରଥଙ୍କୁ ସୁନୀଲ ରଥ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଗବେଷଣା କ୍ଷେତ୍ରରେ ଡ. ସୁରେନ୍ଦ୍ର କୁମାର ମିଶ୍ର, ସାହିତ୍ୟ କ୍ଷେତ୍ରରେ ଶଙ୍କର ତ୍ରିପାଠୀ, ପ୍ରକାଶନ କ୍ଷେତ୍ରରେ ବିଜୟିନୀ ପବ୍ଲିକେଶନକୁ ପୁସ୍ତକମେଳା ସମ୍ମାନରେ ସମ୍ମାନିତ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ଭାଷାଜ୍ଞାନ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଦିଆଯାଇଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଅଭିନନ୍ଦନିକା ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ଓଡ଼ିଶା ସଙ୍ଗୀତ ପରିଷଦ ପକ୍ଷରୁ 'ସରସ୍ୱତୀ ବନ୍ଦନା' ପରିବେଷଣ ହୋଇଥିଲା। ଜ୍ୟୋତିର୍ବିଦ୍ ଅନାମ ଚନ୍ଦ୍ର ସାହୁଙ୍କ 'ଜ୍ୟୋତିଷ ଶାସ୍ତ୍ର ଓ ସୂଚନାଭିତ୍ତିକ ବାର୍ତ୍ତା' ଉନ୍ମୋଚିତ ହୋଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଧନ୍ୟବାଦ ଦେଇଥିଲେ। ବୈଠକରେ କମିଟିର କାର୍ଯ୍ୟକାରୀ ସଭାପତି ଅନାମ ଚନ୍ଦ୍ର ସାହୁ, ଉପସଭାପତି ରାଜକିଶୋର ମିଶ୍ର, ଜଟାଧାରୀ ମିଶ୍ର, ସଙ୍ଗଠନ ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର, ଉପଦେଷ୍ଟା ବଦ୍ରି ମିଶ୍ର, ପୁଷ୍କର ମହାପାତ୍ର, ସୁକାନ୍ତ କୁମାର ପଣ୍ଡା, ବିପିନ ବିହାରୀ ଦଳାଇ, ଶ୍ରୀକାନ୍ତ ମହାନ୍ତି, ବୀରେନ୍ଦ୍ର ମହାନ୍ତି, ମୀନତି ପଟ୍ଟନାୟକ, ସ୍ୱାଧୀନ କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା

ଚାରିଛକ,୧୨।୧(ଶିଶିର ସ୍ୱାଇଁ)

ଚାରିଛକସ୍ଥିତ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କାଙ୍କ ନେତୃତ୍ୱରେ ଏକ ସଡ଼କ ସୁରକ୍ଷା ସପ୍ତାହ ସଚେତନତା କାର୍ଯ୍ୟକ୍ରମ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଛାତ୍ରୀଛାତ୍ର ହାତରେ ଫ୍ଲା କାର୍ଡ ଧରି ବିଦ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବାହାରି ଚାରିଛକ ବଜାର ପରିକ୍ରମା କରିଥିଲେ। ବିନା ହେଲ୍‌ମେଟ୍‌ରେ ଯାଉଥିବା ଚାଳକଙ୍କୁ ହେଲ୍‌ମେଟ୍ ବ୍ୟବହାର, ଶୃଙ୍ଖଳିତ ଓ ସଞ୍ଜମତା ରକ୍ଷା କରି ଗାଡ଼ି ଚାଳନା, ଦ୍ରୁତଗତିରେ ଗାଡ଼ି ଚାଳନାରୁ ନିବୃତ୍ତ ରହିବା, ଗାଡ଼ି ଚଲାଇବାବେଳେ ଫୋନ ବ୍ୟବହାର ନ କରିବା, ସିଟ୍ ବେଲ୍ଟ ବାନ୍ଧିବା, ଟ୍ରାଫିକ ନିୟମ ମାନିବା ଇତ୍ୟାଦି ଉପରେ ଲୋକଙ୍କୁ ସଚେତନତା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷୟିତ୍ରୀ ପ୍ରଣତି ବେହେରା, ଆଦ୍ୟାଶା ପ୍ରିୟଦର୍ଶିନୀ, ରାନୀ ବସ୍ତିଆ, ସସ୍ମିତା ପ୍ରଧାନ, ଶିକ୍ଷକ ବିଭୁ ପ୍ରସନ୍ନ ଦାସ, ମାନସ ରଞ୍ଜନ ନାୟକ ଓ ଶିବବ୍ରତ ମଲ୍ଲ ପ୍ରମୁଖ ଯୋଗ ଦେଇଥିଲେ।

## ୨୦ରୁ ହେବନି ନାଟମଣ୍ଡପରେ ଧାଡ଼ିଦର୍ଶନ

ପୁରୀ,୧୨।୧(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ନାଟମଣ୍ଡପ ପରିସରରେ ୬ ଥାକିଆ ଧାଡ଼ିଦର୍ଶନ ପାଇଁ କରାଯାଇଥିବା ଯୋଜନାର କାର୍ଯ୍ୟକାରିତାକୁ ନେଇ ପୁଣି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆସନ୍ତା ୨୦ ତାରିଖରୁ ଧାଡ଼ି ଦର୍ଶନ ହେବ ବୋଲି ଆଇନ ମନ୍ତ୍ରୀ ପୂର୍ବରୁ ସୂଚନା ଦେଇଥିଲେ। ତେବେ ୨୦ ତାରିଖରୁ ଧାଡ଼ିଦର୍ଶନ ହେବନାହିଁ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି। ମୁଖ୍ୟ ପ୍ରଶାସକ ପାଢ଼ୀ କହିଛନ୍ତି, ଆସନ୍ତା ୨୦ ତାରିଖରେ ହେବାକୁ ଥିବା ନାଟମଣ୍ଡପରେ ଧାଡ଼ିଦର୍ଶନ ବ୍ୟବସ୍ଥା ଏବେ କାର୍ଯ୍ୟକାରୀ ହେବ ନାହିଁ। ନାଟମଣ୍ଡପରେ ହୁଣ୍ଡି ଥିବାରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସେସବୁକୁ ଅପସାରଣ କରାଯିବ। ଶ୍ରୀମନ୍ଦିର ଆଇନ ଅନୁଯାୟୀ, ହୁଣ୍ଡି ସ୍ଥାନାନ୍ତର ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଅନୁମତି ଆବଶ୍ୟକ। ତେଣୁ ମୁଖ୍ୟମନ୍ତ୍ରୀଙ୍କ ଅନୁମତି ମିଳିବା ପରେ ହୁଣ୍ଡି ସ୍ଥାନାନ୍ତର କରାଯିବ। ଏନେଇ ରାଜ୍ୟ ସରକାରଙ୍କୁ ଜଣାଇ ନିର୍ଦ୍ଦେଶକୁ ଅପେକ୍ଷା କରାଯାଇଛି। ସେହିପରି ଶ୍ରୀମନ୍ଦିର ପରିଚାଳନା କମିଟି ପୁନର୍ଗଠନ କରାଯିବ। ଏହାପରେ ସୁପାରିସ ଓ ହୁଣ୍ଡି ସ୍ଥାନାନ୍ତର ହେବା ପରେ ନାଟମଣ୍ଡପରେ ଭକ୍ତଙ୍କ ପାଇଁ ଧାଡ଼ିଦର୍ଶନ ବ୍ୟବସ୍ଥା କରାଯିବ। ତେଣୁ ପରିଚାଳନା କମିଟି ଗଠନ ସକାଶେ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ରାଜ୍ୟ ସରକାରଙ୍କ ଅନୁମୋଦନ ଓ ମାର୍ଗଦର୍ଶିକା ଅନୁଯାୟୀ

## କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ସମାରୋହ ୨୨ ଭାରତୀୟ ଭାଷାର ଯୁବ ଲେଖକ ପୁରସ୍କୃତ

ଭୁବନେଶ୍ୱର,୧୨।୧(ସୁଚିସ୍ମିତା ସାହୁ):

କେନ୍ଦ୍ର ସାହିତ୍ୟ ଏକାଡେମୀର ଯୁବ ପୁରସ୍କାର ସମାରୋହ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ୨୨ଟି ଭାରତୀୟ ଭାଷାର ଯୁବ ଲେଖକଙ୍କୁ ୨୦୨୪ ବର୍ଷର ଯୁବ ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଆରେ ସଞ୍ଜୟ କୁମାର ପଣ୍ଡା ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପାଇଥିବାବେଳେ ଅନ୍ୟମାନେ ହେଲେ ନୟନଜ୍ୟୋତି ଶର୍ମା (ଅହମିଆ), ସୁତପା ଚକ୍ରବର୍ତ୍ତୀ (ବଙ୍ଗଳା), ସେଲୁ ମେଦ୍ ରାଣୀ ବୋଡ଼ୋ (ବୋଡ଼ୋ), ହୀନା ଚୌଧୁରୀ (ଡୋଗ୍ରୀ), କେ. ବୈଶାଳୀ (ଇଂଲିଶ), ରିଙ୍କୁ ଭଜେସିଂହ ରାଠୋଡ଼ (ଗୁଜରାଟୀ), ଗୌରବ ପାଣ୍ଡେ (ହିନ୍ଦୀ), ଶ୍ରୁତି ବି.ଆର୍. (କନ୍ନଡ଼), ଅଦ୍ୱୈତ ସାଲଗାଓଁକର (କୋଙ୍କଣୀ), ରିଙ୍କି ଝା ଋଷିକା (ମୈଥିଳି), ଶ୍ୟାମକ୍ରିଷ୍ଣନ ଆର୍ (ମାଲୟାଲମ), ୱାଇଖୋମ ଚିଙ୍ଗଖେଙ୍ଗନବା (ମଣିପୁରୀ), ଦେବୀଦାସ ସୌଦାଗର (ମରାଠୀ), ସୁରଜ ଚାପାଗାଇଁ (ନେପାଳୀ), ରଣଧୀର (ପଞ୍ଜାବୀ), ସୋନାଲି ସୁଥର (ରାଜସ୍ଥାନୀ), ଅଞ୍ଜନ କର୍ମକାର (ସାନ୍ତାଳୀ), ଗୀତା ପ୍ରଦୀପ ରୁପାନି (ସିନ୍ଧି), ଲୋକେଶ ରଘୁରମଣ (ତାମିଲ), ରମେଶ କାର୍ତ୍ତିକ ନାୟକ (ତେଲୁଗୁ) ଏବଂ ମୋହମ୍ମଦ ଜାଭେଦ ଅହମଦ (ଉର୍ଦ୍ଦୁ)। ଏକାଡେମୀ ସଭାପତି ଡ. ମାଧବ କୌଶିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଇଂଲିଶ କବି ଜେରି ପିଣ୍ଟୋ, ଏକାଡେମୀ ସଚିବ ଡକ୍ଟର କେ. ଶ୍ରୀନିବାସ ରାଓ ଏବଂ ଉପସଭାପତି ପ୍ରଫେସର କୁମୁଦ ଶର୍ମା ଯୋଗଦେଇ ପ୍ରତ୍ୟେକଙ୍କୁ ପୁରସ୍କାର ସ୍ୱରୂପ ୫୦ ହଜାର ଟଙ୍କାର ଅର୍ଥରାଶି ସହିତ ତାମ୍ରଫଳକ ପ୍ରଦାନ କରିଥିଲେ। ମହମ୍ମଦ ଆଶ୍ରଫ ଭଟ୍ଟ (କଶ୍ମୀରୀ) ଓ ମୁନି ପାର୍ଶ୍ୱସୁନ୍ଦର ବିଜୟଜୀ (ସଂସ୍କୃତ) ଅନୁପସ୍ଥିତ ଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ କାର୍ତ୍ତିକ



@ ଦିଲ୍ଲୀପ



@ ପ୍ରଶାନ୍ତ



@ ମନୋରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଭାରସାମ୍ୟ ହରାଇ ବାଇକ୍ ଚାଳକ ଗୁରୁତର

ବଳଙ୍ଗା,୧୨।୧(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ ପିପିଲି-ନିମାପଡ଼ା ରାସ୍ତାର ଦଳଭାଣପୁର ବଡ଼ଶଙ୍ଖ ବ୍ରିଜ୍‌ରେ ଏକ ବାଇକ ଚାଳକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି। ବାଇକ୍ ଚାଳକ ଜଣକ ଗୁରୁତର ହୋଇଥିବା ବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରି ମେଡିକାଲ୍‌ରେ ଭର୍ତ୍ତି କରିଛନ୍ତି। ଗୁରୁତର ଚାଳକ ଜଣକ ନିମାପଡ଼ା ଥାନା ରେଞ୍ଜ ପଞ୍ଚାୟତର ବିଶାଳପଡ଼ା ଗ୍ରାମର ଅନାମ ଭୋଇ ବୋଲି ଜଣାପଡ଼ିଛି।

## ସମ୍ବର୍ଦ୍ଧିତ ହେଲେ ୧୩ ବିଶିଷ୍ଟ ବ୍ୟକ୍ତି

ସାକ୍ଷୀଗୋପାଳ,୧୨।୧(ଭରତ ରାଉତ)



ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନରେ ଆୟୋଜିତ ନିଖିଳ ଭାରତ ସ୍ୱାଧୀନତା ସଂଗ୍ରାମୀ ଦିବସ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଶିକ୍ଷା, ସଂସ୍କୃତି, ସାମ୍ବାଦିକତା, ସାହିତ୍ୟିକ, ଶିଳ୍ପୀ, ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସତ୍ୟବାଦୀର ୧୩ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷା ଓ ସମାଜ ଗଠନରେ ଅବଦାନ ନିମନ୍ତେ ଜିତେନ୍ଦ୍ର କୁମାର ପେଣ୍ଡୋଇଙ୍କୁ ମହତାବ ସ୍ୱର୍ଣ୍ଣ ପଦକ, ସହକାରୀ ଶିକ୍ଷକ ଅନିଲ ମହାପାତ୍ରଙ୍କୁ ଶିକ୍ଷକ ରତ୍ନ ସମ୍ମାନ, ପ୍ରାଧ୍ୟାପକ ଡ. ପ୍ରସନ୍ନ କୁମାର ବରାଳଙ୍କୁ ଆଚାର୍ଯ୍ୟ ହରିହର ସମ୍ମାନ, ପ୍ରଫେସର ଡା. ରାଜେନ୍ଦ୍ର କୁମାର ବେହେରାଙ୍କୁ ପଦ୍ମକେଶରୀ ସମ୍ମାନ, ଡା. ସତ୍ୟକାମ ମହାପାତ୍ରଙ୍କୁ ଗୋପବନ୍ଧୁ ସମ୍ମାନ, ସାମାଜିକ କର୍ମୀ ବାଲକୃଷ୍ଣ ବରାଳଙ୍କୁ ସେବକରତ୍ନ ସମ୍ମାନ, ମଞ୍ଚ ଅଭିନେତା ବାଲକୃଷ୍ଣ ବେହେରାଙ୍କୁ ନୀଳକଣ୍ଠ ସମ୍ମାନ, ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ପ୍ରଧାନଙ୍କୁ ମହତାବ ରୌପ୍ୟ ପଦକ, ତହସିଲଦାର ସନ୍ତୋଷ ପାଣିଗ୍ରାହୀଙ୍କୁ ମହତାବ ସମ୍ମାନ, ବିଡିଓ ଲିପ୍ସା ରାୟଙ୍କୁ ପଞ୍ଚସଖା ସମ୍ମାନ, ପ୍ରଫେସର ଡା. ପ୍ରଶାନ୍ତ କୁମାର ଦାସଙ୍କୁ ପଦ୍ମକେଶରୀ ସମ୍ମାନରେ ସ୍ୱର୍ଣ୍ଣ ପଦକ, ପଟ୍ଟଚିତ୍ର ଶିଳ୍ପୀ ସଞ୍ଜୟ କୁମାର ପାତ୍ରଙ୍କୁ ଗୋପବନ୍ଧୁ ସମ୍ମାନରେ ରୌପ୍ୟ ପଦକ, ସାମାଜିକ କର୍ମୀ ବସନ୍ତ କୁମାର ମହାପାତ୍ରଙ୍କୁ ଉତ୍କଳମଣି ସମ୍ମାନରେ ସ୍ୱର୍ଣ୍ଣ ପଦକ, ସାମାଜିକ କର୍ମୀ ପବିତ୍ର କୁମାର ପରିଡ଼ାଙ୍କୁ ସେବକ ରତ୍ନ ସମ୍ମାନରେ ରୌପ୍ୟ ପଦକ, ସାମାଜିକ କର୍ମୀ ଛଇଲ ବରାଳଙ୍କୁ ପଞ୍ଚସଖା ସମ୍ମାନରେ ରୌପ୍ୟ ପଦକ, ସାମାଜିକ କର୍ମୀ ଅକ୍ଷୟ କୁମାର ଜେନାଙ୍କୁ ମହତାବ ସମ୍ମାନ, ସରପଞ୍ଚ ବର୍ଷାରାଣୀଙ୍କୁ ସେବିକା ରତ୍ନ ସମ୍ମାନରେ ସ୍ୱର୍ଣ୍ଣ ପଦକ, ଜିଲା ପରିଷଦ ବିଷ୍ଣୁପ୍ରିୟା ବରାଳଙ୍କୁ ପଞ୍ଚସଖା ସମ୍ମାନରେ ବାଚସ୍ପତି ସୁରମା ପାଢ଼ୀ ପୁଷ୍ପଗୁଚ୍ଛ, ଅଙ୍ଗବସ୍ତ୍ର, ମାନପତ୍ର ଦେଇ ସଭାମଞ୍ଚରେ ସମ୍ମାନିତ କରିଥିଲେ। ଅଧିବେଶନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ଏମ୍‌ପି ଭର୍ତ୍ତୃହରି ମହତାବ, ରାଜ୍ୟ ସଭାପତି ମନମୋହନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସାକ୍ଷୀଗୋପାଳ ବକୁଳବନ ମହୋତ୍ସବ କମିଟି ସମ୍ପାଦକ ଯଯାତି କେଶରୀ ରାୟ ସଂଯୋଜନା କରିଥିଲେ।

## ନିମାପଡ଼ା କପ୍ ହାତେଇଲା ରାମେଶ୍ୱର ସ୍ପୋର୍ଟିଂ

ନିମାପଡ଼ା,୧୨।୧
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ରାଜ୍ୟସ୍ତରୀୟ ୨୯ତମ ନିମାପଡ଼ା କପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଆୟୋଜିତ ଗ୍ରାଣ୍ଡ ଫାଇନାଲ ମ୍ୟାଚ୍‌ରେ ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲ୍‌ୱେକୁ ପରାସ୍ତ କରି ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ ୪ ଉଇକେଟ୍‌ରେ ବିଜୟ ହାସଲ କରି ଚାମ୍ପିୟନ ଟ୍ରଫି ହାସଲ କରିଛି। ଫାଇନାଲ ମ୍ୟାଚ୍‌ରେ ଟସ୍ ଜିତି ଇଷ୍ଟକୋଷ୍ଟ ରେଲ୍‌ୱେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୫୯ ରନ୍ କରିଥିଲା। ପ୍ରତିପକ୍ଷ ରାମେଶ୍ୱର ସ୍ପୋର୍ଟିଂର ବୋଲର ଆଶୁତୋଷ ନାୟକ ସର୍ବାଧିକ ୫ଟି, ଶୁଭ୍ରକାନ୍ତ ପରିଡ଼ା ଓ ଏମ୍‌ଜି ଗୋପାଳ ପ୍ରମୁଖ ପ୍ରତ୍ୟେକ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ୨ୟାର୍ଦ୍ଧରେ ବ୍ୟାଟିଂ କରି ରାମେଶ୍ୱର ସ୍ପୋର୍ଟିଂ ୨୬.୪ ଓଭରରେ ୬ ଉଇକେଟ୍ ହରାଇ ୧୬୨ ରନ୍ ସଂଗ୍ରହ କରି ବିଜୟ ହାସଲ କରିଛି। ପ୍ରତିପକ୍ଷ ରେଲ୍‌ୱେର ବୋଲର ଜୟନ୍ତ ବେହେରା ୪ଟି ଉଇକେଟ୍ ନେଇଥିଲେ। ଅମ୍ପାୟର ଭାବେ ନିର୍ମଳ ମିଶ୍ର ଓ ସସ୍ମିତ ପଟ୍ଟନାୟକ ଯୋଗଦେଇ ମ୍ୟାଚ୍ ପରିଚାଳନା କରିଥିଲେ। ସ୍କୋରର ଭାବେ ପ୍ରସନ୍ନଜିତ୍ ରାୟ ଓ ଓମ୍ ରଞ୍ଜନ ପ୍ରଧାନ ଯୋଗଦେଇଥିଲେ। ଆଶୁତୋଷ ନାୟକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ଶ୍ରେଷ୍ଠ ବୋଲର, ଏମ୍. ଜି ଗୋପାଳ ମ୍ୟାନ୍ ଅଫ୍ ଦି ସିରିଜ୍, ସାରାଂଶ କୁମାର ଶ୍ରେଷ୍ଠ ବ୍ୟାଟ୍ସ ମ୍ୟାନ, ବିଶ୍ୱଜିତ୍ ମଲ୍ଲିକ ଶ୍ରେଷ୍ଠ ଫିଲ୍ଡର ଓ ନିମାପଡ଼ା ଆଥଲେଟିକ୍ ଆସୋସିଏଶନ ଖେଳାଳି ବିଶ୍ୱଜିତ୍ ତ୍ରିପାଠୀ ଶ୍ରେଷ୍ଠ ଉଇକେଟ୍ କିପର ଭାବେ ସ୍ୱତନ୍ତ୍ର ପୁରସ୍କୃତ ହୋଇଥିଲେ। ଏହି ମ୍ୟାଚ୍‌ଓ ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ନିମାପଡ଼ା ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଜୀବନାନନ୍ଦ ମହାପାତ୍ର, ଚଳଚ୍ଚିତ୍ର ଅଭିନେତ୍ରୀ ଶିବାନୀ ସଙ୍ଗୀତା, ବିଶିଷ୍ଟ ବ୍ୟବସାୟୀ ସଞ୍ଜୟ ଦାସ, ପୂର୍ଣ୍ଣଚନ୍ଦ୍ର ସାହୁ, ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, କ୍ରିକେଟ୍ ସମ୍ପାଦକ ଅକ୍ଷୟ ବେହେରା ପ୍ରମୁଖ ଯୋଗଦେଇ କୃତୀ ଚାମ୍ପିୟନ ଟିମ୍ ରାମେଶ୍ୱର ସ୍ପୋର୍ଟିଂକୁ ନଗଦ ୬୦ ହଜାର ଟଙ୍କା ଓ ନିମାପଡ଼ା କପ୍ ଟ୍ରଫି, କୃତୀ ରନର ଅପ୍ ଇଷ୍ଟକୋଷ୍ଟ ରେଲ୍‌ୱେ ଦଳକୁ ନଗଦ ୩୦ ହଜାର ଟଙ୍କା ଓ ରନର ଅପ୍ ଟ୍ରଫି ପ୍ରଦାନ କରିଥିଲେ। ୪ ଜଣ କୃତୀ ଅମ୍ପାୟରଙ୍କୁ ଅତିଥିମାନେ ସ୍ୱତନ୍ତ୍ର ସମ୍ବର୍ଦ୍ଧିତ ଓ ପୁରସ୍କୃତ କରିଥିଲେ।




ଅତିଥିଙ୍କ ଗହଣରେ ଚାମ୍ପିୟନ ଟ୍ରଫି ସହ ରାମେଶ୍ୱର ସ୍ପୋର୍ଟିଂର ଖେଳାଳି ବୃନ୍ଦ।

## ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ

ପୁରୀ,(ଅଜିତ୍ କୁମାର ମହାନ୍ତି)-ଜଣେ ଯୁବକ ଶ୍ରୀମନ୍ଦିର ଭିତରେ ଫଟୋ ଉଠାଇ ସୋସିଆଲ ମିଡିଆ ଫେସବୁକ୍‌ରେ ଅପ୍‌ଲୋଡ୍ କରିଛନ୍ତି, ଯାହା ଭାଇରାଲ ହେବାରେ ଲାଗିଛି। ସମ୍ପୃକ୍ତ ଯୁବକ ଗୌରବ କୁମାର ସାହୁ ବୋଲି ସୂଚନା ମିଳିଛି। ରବିବାର ଏହି ଘଟଣା ସାମ୍ନାକୁ ଆସିଛି। ଯୁବକ ଜଣକ ଶ୍ରୀମନ୍ଦିର ଭିତରବେଢ଼ା କୀର୍ତ୍ତନ ମଣ୍ଡପଠାରେ ଫଟୋ ଉଠାଇଥିବା ଜଣାପଡିଛି। ଫଟୋରେ ଶ୍ରୀମନ୍ଦିର ସମେତ ଭିତରବେଢ଼ା, ଗାରଦ, ଜଗମୋହନ ଓ କିଛି ପାର୍ଶ୍ୱଦେବଦେବୀ ମନ୍ଦିର ଦୃଶ୍ୟମାନ ହେଉଛି।

# ପ୍ରତି ମାସରେ ହେବ ପଥ ଉତ୍ସବ: ମନ୍ତ୍ରୀ

## ପଥ ଉତ୍ସବରେ ଦୁଲୁକିଲା ଜାଗମରା ଅଞ୍ଚଳ


ପଥ ଉତ୍ସବରେ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୧୨।୧ (ବନ୍ଦନା ସେଠୀ)

ପଥ ଉତ୍ସବର ଆନନ୍ଦ ଉଠାଇବା ପାଇଁ ଆଉ ବର୍ଷେ ଅପେକ୍ଷା କରିବାକୁ ପଡିବ ନାହିଁ। ଏଣିକି ପ୍ରତି ମାସରେ ଗୋଟିଏ ଗୋଟିଏ ପଥ ଉତ୍ସବ ଆୟୋଜନ କରାଯିବ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ରବିବାର ବିଏମ୍‌ସି ପକ୍ଷରୁ ସାଉଥ୍-ୱେଷ୍ଟ୍ ଜୋନ୍‌ର ଜାଗମରାଠାରେ ଦ୍ୱିତୀୟ ପଥ ଉତ୍ସବକୁ ଉଦ୍‌ଘାଟନ କରିବା ଅବସରରେ ମନ୍ତ୍ରୀ ଏହା କହିଛନ୍ତି। ଜାଗମରା ନୂଆ ରାସ୍ତାର ନୀଳକଣ୍ଠେଶ୍ୱର ମନ୍ଦିରଠାରୁ ପବିତ୍ର ଗେଷ୍ଟ ହାଉସ୍ ପର୍ଯ୍ୟନ୍ତ ପ୍ରାୟ ୧କି.ମି ବ୍ୟାପୀ ରାସ୍ତାରେ ହଜାର ହଜାର ଲୋକଙ୍କର ସମାଗମ ହୋଇଥିଲା। ମୁଖ୍ୟ ମଞ୍ଚରେ ଅସୀମା ଏବଂ ସତ୍ୟଜିତଙ୍କ ସଙ୍ଗୀତରେ ଦର୍ଶକ ଝୁମିଥିଲେ। ସଙ୍ଗୀତ ସାଙ୍ଗକୁ ଜୟଦେବ ଡ୍ୟାନ୍ସ ଗ୍ରୁପ୍‌ର ଧମାକାଦାର ନୃତ୍ୟର ତାଳେତାଳେ ମତୁଆଲା ହୋଇଥିଲେ ଦର୍ଶକ। ସମ୍ବଲପୁରୀ ନୃତ୍ୟ ସମସ୍ତଙ୍କୁ ବାନ୍ଧି ରଖିଥିଲା। ଏହା ସହିତ ରଙ୍ଗୋଲି, ଖେଟି, ଫୋକ୍ ଡ୍ୟାନ୍ସ, ଯୋଗ, ସ୍କେଟିଂ, ପେଣ୍ଟିଂ, ଜୁମ୍ବା, ଫ୍ଲାସ ମବ ଇତ୍ୟାଦି କାର୍ଯ୍ୟକ୍ରମ ସହ ଛୋଟ ପିଲାମାନେ ଖେଳକୁଦରେ ନିଜକୁ ହଜାଇ ଦେଇଥିଲେ। କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ସାଜିଥିଲେ ରାପର ବିଗ୍ ଡିଲ୍। ତାଙ୍କ ରାପ୍ ସଙ୍ଗୀତ ଭରପୂର ମନୋରଞ୍ଜନ ଯୋଗାଇଥିଲା। ସେହିପରି ଦ୍ୱିତୀୟ ମଞ୍ଚ ବି ଲୋକଙ୍କୁ ମନୋରଞ୍ଜନ କରିଥିଲା। ଭୁବନେଶ୍ୱର ଗଟ୍ ଟ୍ୟାଲେଣ୍ଟ ଷ୍ଟେଜ୍‌ରେ ଯୁବବର୍ଗଙ୍କ ଜଲୱା ଦେଖିବାକୁ ମିଳିଥିଲା। ପ୍ରଥମ ଷ୍ଟେଜରେ ଆଇଟିଇଆର୍, ଓୟୁଏଟି, ଆରଡି ଛାତ୍ରୀଛାତ୍ରଙ୍କ ସହ ଉପସ୍ଥିତ ପ୍ରତିଭାବାନ୍ ବ୍ୟକ୍ତି କଳା ପ୍ରଦର୍ଶନ କରିଥିଲେ। ସେହିପରି ଦ୍ୱିତୀୟ ଭୁବନେଶ୍ୱର ଗଟ୍ ଟ୍ୟାଲେଣ୍ଟ ମଞ୍ଚରେ ଇକୋ ଫ୍ୟାଶନ ଶୋ', ରାମ୍ପୱାକ୍, କୁଇଜ ଏବଂ ସମ୍ବଲପୁରୀ ଫ୍ୟାଶନ ଶୋ, ସଙ୍ଗୀତ, ନୃତ୍ୟ, ଯୋଗାସନ, ବାଦ୍ୟଯନ୍ତ୍ର, କବିତା, ଗଳ୍ପ ଆଦିରେ ଯୁବତୀ, ଯୁବକ, ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହାବାଦ୍ ପରିମଳ ସଚେତନତା, ୱେଷ୍ଟ ଟୁ ଆର୍ଟ, ଫୋକ୍ ଓ ଡଲ ଡ୍ୟାନ୍ସ, କ୍ୟୁବ, କିଡୋ କିଙ୍ଗଡମ୍ ଓ ବାସ୍କେଟବଲ ଆଦିର ଭରପୂର ମଜା ନେଇଥିଲେ ଭୁବନେଶ୍ୱରବାସୀ। ସକାଳୁ ବିଭିନ୍ନ ପ୍ରକାରର ଗରମ ଖାଦ୍ୟ ଖାଇବା ପାଇଁ ଫୁଡ୍ ଷ୍ଟଲ୍‌ରେ ଭିଡ଼ ଜମିଥିଲା। କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ, ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ, ଷ୍ଟାଣ୍ଡିଂ କମିଟିର ସମସ୍ତ ସଦସ୍ୟାସଦସ୍ୟ ଓ ସମସ୍ତ କର୍ପୋରେଟର ଉପସ୍ଥିତ ଥିଲେ। ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।






# ଭାଜପାରେ ଯୋଗ ଦେଲେ ବିଜେଡି କର୍ମୀ

ତ୍ରିଶୂଳିଆ,୧୨।୧(ତୁଷାରକାନ୍ତ ବେହେରା)

ବାରଙ୍ଗ ମଣ୍ଡଳ ଭାଜପାର କୁହ୍ନେଇପଡ଼ା ପଞ୍ଚାୟତରେ ରବିବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଭାଜପା ୩୨ନଂ. ଜିଲା ପରିଷଦ ତଥା ବାଙ୍କୀ ଭାଜପା ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ କୁହ୍ନେଇପଡ଼ା ଓ ମଧୁପୁର ପଞ୍ଚାୟତର ଅନେକ କର୍ମୀ ବିଜେଡି ଛାଡ଼ି ଭାଜପାରେ ମିଶିଥିଲେ। ବାରଙ୍ଗର ବିକାଶ ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି। ଭାଜପା ବିଜେଡିର ବିରୋଧୀ ହୋଇଥିଲେ ମଧ ବିକାଶ ପାଇଁ ବିରୋଧୀ କର୍ମୀଙ୍କ ନିମନ୍ତେ ତା ଦ୍ୱାର ସବୁବେଳେ ଖୋଲା ରହିଛି ବୋଲି ଚକ୍ରବର୍ତ୍ତୀ କହିଥିଲେ। ନୂତନ କର୍ମୀଙ୍କୁ ଚକ୍ରବର୍ତ୍ତୀ ଦଳୀୟ ଉତ୍ତରୀୟ ଓ ଫୁଲହାର ଦେଇ ସ୍ୱାଗତ କରିଥିଲେ। ଆଗାମୀ ଦିନରେ ଆହୁରି ବିଜେଡି କର୍ମୀ ଭାଜପାରେ ମିଶିବାର କାର୍ଯ୍ୟକ୍ରମ ରହିଥିବା ବାରଙ୍ଗ ଭାଜପା ମଣ୍ଡଳ ପକ୍ଷରୁ କୁହାଯାଇଛି।

# 'କମ୍ ବ୍ୟାକ୍ ପାର୍ଥ' ସମେତ ୩ ପୁସ୍ତକ ଲୋକାର୍ପିତ



ଭୁବନେଶ୍ୱର,୧୨।୧ (ସୌମ୍ୟରଞ୍ଜନ ରାଉତ)

ପକ୍ଷୀଘର ପ୍ରକାଶନୀ ପ୍ରକାଶିତ କେନ୍ଦ୍ର ସାହିତ୍ୟ ଏକାଡେମୀ ସଭାପତି କବି ମାଧବ କୌଶିକଙ୍କ କବିତା ପୁସ୍ତକ 'କମ୍ ବ୍ୟାକ୍ ପାର୍ଥ' ଏବଂ କବି ଅରୁଣ କୁମାର ସାହୁଙ୍କ ୨ଟି ପୁସ୍ତକ 'ଜହ୍ନ ରାତିର ଛାଇ' ଓ 'ସୂର୍ଯ୍ୟ ଉଇଁବାର ବେଳ' ରାଜ୍ୟ ସଂଗ୍ରହାଳୟଠାରେ ରବିବାର ଲୋକାର୍ପିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ସାହିତ୍ୟିକ ତଥା ଅଭିନେତା ପ୍ରଶାନ୍ତ ନନ୍ଦ ଯୋଗ ଦେଇଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ସଭାପତି ତଥା କବି ମାଧବ କୌଶିକ କହିଲେ, ଜଣେ ହଜାର ହଜାର ଶବ୍ଦରେ କଥା ତ ପ୍ରକାଶ କରିପାରିବ, କିନ୍ତୁ ଭାବ ପ୍ରକାଶ କରିବା ପାଇଁ ହଜାର ହଜାର ଶବ୍ଦ ବି ନିଅଣ୍ଟ ପଡିବ। ଅନୁବାଦକ ପ୍ରଫେସର ଯତୀନ ନାୟକ, କଥାଶିଳ୍ପୀ ଗୌରହରି ଦାସ, ସାହିତ୍ୟ ସମାଲୋଚକ ଭାଗବତ ଶୁକ୍ଳା ଅତିଥି ଭାବେ ଯୋଗଦେଇଥିବାବେଳେ ପକ୍ଷୀଘରର ସମ୍ପାଦକ ବନୋଜ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା ଓ ପକ୍ଷୀଘରର ପ୍ରକାଶିକା ବବିତା ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ।

# 'ସ୍ୱାମିଜୀ ଯୁବ ପ୍ରେରଣାର ଉତ୍ସ'

## ତାଳପଦେଶ୍ୱରୀ ପ୍ରାଙ୍ଗଣରେ ଏସ୍‌ଭିଏଲ୍‌ଏସ୍ ଖୋର୍ଦ୍ଧା ଶାଖାର ବୈଠକ

ଭୁବନେଶ୍ୱର,୧୨।୧(ସୌମ୍ୟ ରଞ୍ଜନ ରାଉତ)

ସ୍ୱାମୀ ବିବେକାନନ୍ଦ ଥିଲେ ଯୁବ ପ୍ରେରଣାର ଉତ୍ସ। ଉତ୍କଳ ବିଶ୍ୱବିଦ୍ୟାଳୟ ତାଳପଦେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ(ଏସ୍‌ଭିଏଲ୍‌ଏସ୍)ର ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ବିବେକାନନ୍ଦଙ୍କ ଜୟନ୍ତୀ ପାଳନ ଅବସରରେ ବକ୍ତାମାନେ ଏହା କହିଛନ୍ତି। ଶାଖାର ସଭାପତି ପ୍ରଫେସର ହିମାଂଶୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂସଦ ଉପସଭାପତି ପ୍ରଳୟ ନନ୍ଦ, ସଙ୍ଗଠନ ସମ୍ପାଦକ ଚିତ୍ତରଞ୍ଜନ ନାୟକ, ପ୍ରଫେସର ହିମାଂଶୁ ଶେଖର ରାଉତ, ନିର୍ମଳ ରାଉତ, ଇନ୍ଦ୍ରମଣି ଷେଣ୍ଢେ, ପ୍ରଫେସର ଚିନ୍ତାମଣି ରାଉତ, ଆଭାରାଣୀ ବିଶ୍ୱାଳ, ଶାଖାର ଯୁଗ୍ମ ସମ୍ପାଦକ ପଙ୍କଜ ଲୋଚନ ବେହେରା, ଦେବୀଲାଲ ମିଶ୍ର ଏବଂ 'ପ୍ରବୋଧନ' ମୁଖ୍ୟ ସମ୍ପାଦକ ଜିତେନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଖୋର୍ଦ୍ଧା ଶାଖାର ସମ୍ପାଦକ ପ୍ରଦୀପ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟର ଉନ୍ନତି ପାଇଁ କାର୍ଯ୍ୟ କରିବ ଭୋସ୍ -୯୨

ଭୁବନେଶ୍ୱର,୧୨।୧(ସୁଚିସ୍ମିତା ସାହୁ): ବାଣୀବିହାର ପୁରାତନ ଛାତ୍ର ସଂଗଠନ (ଭୋସ୍-୯୨)ର ବନ୍ଧୁମିଳନ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦେଶରୁ ଆସିଥିବା ପୁରାତନ ଛାତ୍ରୀଛାତ୍ରମାନେ ବିଗତ ୩୩ବର୍ଷର ଅନୁଭୂତିକୁ ମନେ ପକାଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ଉନ୍ନତି ଓ ସମାଜ ସେବା ପାଇଁ ଆଗାମୀ ଦିନରେ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ। ଏହି ଅବସରରେ ନୂତନ ସଭାପତି ଭାବେ ପ୍ରିୟବ୍ରତ ମହାନ୍ତି, ଉପସଭାପତି ପୁଷ୍ପଜିତ ମହାପାତ୍ର, ସମ୍ପାଦକ ମନୋଜ ରାଉତ, ସହସମ୍ପାଦକ ମନୋଜ ଦେଓ, କୋଷାଧ୍ୟକ୍ଷ ଭାବେ ହିମାଂଶୁ ଶେଖର ସ୍ୱାଇଁ, ଅଡିଟର ଭାବେ ସୌମେନ୍ଦ୍ର ମହାପାତ୍ର ଏବଂ ଆବାହକ ଭାବେ ଗଦାଧର ରଥ ମନୋନୀତ ହୋଇଥିଲେ।

# କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ



ଭୁବନେଶ୍ୱର,୧୨।୧(ଅନୁରାଧା ମହାରଣା)

କିଟ୍ ଇଣ୍ଟରନ୍ୟାଶନାଲ୍ ସ୍କୁଲର ୧୮ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ ଉତ୍ସବକୁ ଉଦ୍‌ଘାଟନ କରିଥିବା ବେଳେ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଡ. ସାମନ୍ତ କହିଲେ, କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ପିଲାମାନଙ୍କୁ ଆନୁଷ୍ଠାନିକ ଶିକ୍ଷା ସହ ସେମାନଙ୍କ ସାମଗ୍ରିକ ବିକାଶ ଉପରେ ବିଶେଷ ଧ୍ୟାନ ଦିଆଯାଇଥାଏ। ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ସାମନ୍ତ ଧନ୍ୟବାଦ ଜଣାଇଥିଲେ। ସ୍ୱାଗତ ଭାଷଣ ଦେଇ ସ୍କୁଲର ଚେୟାରପର୍ସନ ଡ. ମୋନାଲିସା ବଳ ଛାତ୍ରୀଛାତ୍ରଙ୍କ ପାଇଁ ଏକ ଉପଯୁକ୍ତ ପରିବେଶ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପିଲାଙ୍କ ସାମଗ୍ରିକ ବିକାଶ ଦିଗରେ ସେ ସେମାନଙ୍କ ମାତାପିତାଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ସ୍କୁଲର ବାର୍ଷିକ ବିବରଣୀ ଉପସ୍ଥାପନ କରିବା ସହ ଚଳିତବର୍ଷ ଶିକ୍ଷା, କ୍ରୀଡ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍କର୍ଷତା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସ୍କୁଲକୁ ସୁନାମ ଆଣିଦେଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ବିଦ୍ୟାଳୟର ବାର୍ଷିକ ମୁଖପତ୍ର 'କାରାନାଇ'ର ଇ-ସଂସ୍କରଣକୁ ଡ. ସାମନ୍ତ ଉନ୍ମୋଚନ କରିଥିଲେ। ପରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ କାର୍ତ୍ତିକ


@ ଦିଲ୍ଲୀପ


@ ପ୍ରଶାନ୍ତ


@ ମନୋରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପଟିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଦାନ ଶିବିର



ଭୁବନେଶ୍ୱର, ୧୨।୧(ବନ୍ଦନା ସେଠୀ)

ସର୍ବନେତ୍ର ଫାଉଣ୍ଡେଶନ ପକ୍ଷରୁ ରବିବାର ପଟିଆ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରକ୍ତଦାତା ଯୋଗଦେଇ ୯୬ ୟୁନିଟ୍ ରକ୍ତ ଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଏମ୍‌ପି ଅପରାଜିତା ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଲକ୍ଷ୍ମୀପ୍ରିୟା ପରିଡ଼ା ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ରକ୍ତଦାନ ଏକ ମହତ୍ ଦାନ। ବୁନ୍ଦାଏ ରକ୍ତ ପାଇଁ ଜୀବନ ହସି ଉଠୁଥିବାବେଳେ ପ୍ରତ୍ୟେକ ବ୍ୟକ୍ତି ଏହି ମହତ୍ କାମରେ ସାମିଲ୍ ହେବା ଆବଶ୍ୟକ ବୋଲି ଅତିଥିମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମକୁ ଫାଉଣ୍ଡେଶନ ଅଧ୍ୟକ୍ଷ ତୁଷାର ରଞ୍ଜନ ପଣ୍ଡା ପରିଚାଳନା କରିଥିଲେ। ମୁଖ୍ୟ ପରାମର୍ଶଦାତା ଅନନ୍ତ ନାରାୟଣ ସାହୁ ଉପସ୍ଥିତ ଥିବାବେଳେ ବିଜୟନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଅଟୋକୁ ପଛରୁ ପିଟିଲା ବସ୍, ୩ ଆହତ

ବାରଙ୍ଗ,୧୨।୧(ଲିଙ୍ଗରାଜ ରାଉତ)
ଅଂଶୁପାରୁ ଭୁବନେଶ୍ୱରକୁ ଆସୁଥିବା ଏକ ବସ୍ ରବିବାର ରାତିରେ ପାଟପୁର ଗାଁ ନିକଟରେ ଏକ ଯାତ୍ରୀବାହୀ ଅଟୋକୁ ଧକ୍କା ଦେବାରୁ ୩ ଜଣ ଲୋକ ଆହତ ହେବା ସହ ଉଭୟ ଗାଡ଼ି ଭାଙ୍ଗିରୁଜି ଯାଇଛି। ଦୁର୍ଘଟଣା ପରେ ଉତ୍ତେଜନା ଦେଖାଦେବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣକୁ ଆଣିବା ସହ ଦୁର୍ଘଟଣାଗ୍ରସ୍ତ ୨ ଗାଡ଼ିକୁ ଜବତ କରିଛି। ପ୍ରକାଶ ଯେ, ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାର କର୍ମଚାରୀ ଅଂଶୁପାରେ ଭୋଜି ସାରି ରବିବାର ରାତିରେ ଏକ ବସ୍ ଯୋଗେ ବାରଙ୍ଗ ଦେଇ ଫେରୁଥିଲେ। ବସ୍‌ଟି ପାଟପୁର ଗାଁ ଅତିକ୍ରାନ୍ତ କରିବାବେଳେ ୩ ଜଣ ଯାତ୍ରୀଙ୍କୁ ନେଇ ତ୍ରିଶୂଳିଆକୁ ଆସୁଥିବା ଏକ ଅଟୋ(ଓଡ଼ି ୦୫ ବିଏକ୍ସ- ୩୪୦୦)କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଅଟୋରେ ଥିବା ୩ ଜଣ ସାମାନ୍ୟ ଆହତ ହୋଇଥିଲେ।

# ରୋଜଗାର, ସ୍ୱାବଲମ୍ବୀ ହେବାକୁ ପ୍ଲାଟ୍‌ଫର୍ମ ଯୋଗାଇବ ଦେବୟୁଗ ପରିବାର



ଭୁବନେଶ୍ୱର,୧୨।୧(ବନ୍ଦନା ସେଠୀ)

ସମାଜରେ ଅନେକ ବେକାର ତଥା ବ୍ୟବସାୟିକ ଉଚ୍ଚାଭିଳାଷୀ ଯୁବବର୍ଗ ଅଛନ୍ତି, ଯେଉଁମାନେ ତାଙ୍କ ସ୍ୱପ୍ନ ପୂରଣ ପାଇଁ ଠିକ୍ ପ୍ଲାଟ୍‌ଫର୍ମ ପାଇପାରୁ ନାହାନ୍ତି। ଏମାନଙ୍କୁ ନିଯୁକ୍ତି, ରୋଜଗାର ଏବଂ ସ୍ୱାବଲମ୍ବୀ କରିବାର ଏକ ମଞ୍ଚ ସ୍ୱରୂପ ଦେବୟୁଗ ପରିବାର ଲିମିଟେଡ୍ ସଂଗଠନ ଗଠିତ ହୋଇଛି। ଏହି କ୍ରମରେ ଦେବୟୁଗ ପରିବାର ସଫ୍ଟୱେର୍ ଆପ୍ ଲୋକାର୍ପିତ ହୋଇଯାଇଛି। ଯୁବକଙ୍କ ପାଇଁ ପ୍ରେରଣାର ମୂର୍ତ୍ତି ସ୍ୱାମୀ ବିବେକାନନ୍ଦଙ୍କୁ ସମ୍ମାନ ଜଣାଇ ତାଙ୍କ ଜନ୍ମ ଦିବସରେ ଯୁବ ସମାଜକୁ ଏହାକୁ ଉତ୍ସର୍ଗ କରିବା ସହିତ ଏହିଦିନକୁ ଦେବୟୁଗ ପରିବାର ତା'ର ପ୍ରତିଷ୍ଠା ଦିବସ ଭାବେ ପାଳନ କରିବ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ସଂଗଠନର ପରିଚାଳନା ନିର୍ଦ୍ଦେଶକ ଦେବବ୍ରତ ନାୟକ, ଡ. ପୃଥ୍ୱୀରାଜ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ସଂଗଠନ ବେରୋଜଗାରୀ ଯୁବଗୋଷ୍ଠୀ ଏବଂ ବ୍ୟବସାୟ ଆଶା ରଖିଥିବା ବ୍ୟକ୍ତିମାନଙ୍କୁ ଉଚିତ୍ ଦିଶା ଯୋଗାଇ ପାରିବ ବୋଲି କହିଥିଲେ। କିଭଳି ଜଣେ ନିଜକୁ ଭଲ ଉଦ୍ୟୋଗୀ ଭାବେ ପ୍ରତିଷ୍ଠିତ କରିପାରିବ ସେ ମାର୍ଗଦର୍ଶନ କରିଥିଲେ।

# 'ଦିବ୍ୟାଙ୍ଗଙ୍କ ଲାଗି ସବୁ ସର୍ବସାଧାରଣ ସ୍ଥାନରେ ବ୍ୟବସ୍ଥା ହେଉ'

## ସେନ୍ସସ୍ପିଅର ଉଦ୍‌ଯାପିତ

ଭୁବନେଶ୍ୱର,୧୨।୧
(ସୌମ୍ୟରଞ୍ଜନ ରାଉତ)



ସାମାଜିକ ସଂଗଠନ ଆଇନା, ଡବ୍ଲ୍ୟୁଆର୍‌ଆଇ ଇଣ୍ଡିଆ ଓ ଭୁବନେଶ୍ୱର ମହାନଗର ନିଗମର ମିଳିତ ଆନୁକୂଲ୍ୟରେ ଦିବ୍ୟାଙ୍ଗଙ୍କ ଲାଗି ଚାଲିଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ସେନ୍ସସ୍ପିଅର' ରବିବାର ୟୁନିଟ୍-୩ ମଧୁସୂଦନନଗରସ୍ଥିତ ଭୀମଭୋଇ ମାର୍ଗଠାରେ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଡେପୁଟି ସେକ୍ରେଟାରି ସନ୍ନ୍ୟାସ ବେହେରା ଯୋଗଦେଇ କହିଲେ, ପବ୍ଲିକ ପ୍ଲେସ୍‌ରେ ଦିବ୍ୟାଙ୍ଗଙ୍କ ଲାଗି ରହିଥିବା ଅଧିକାରର ଉଲ୍ଲଂଘନ ନ ହେଉ। ସହରର ସବୁ ସର୍ବସାଧାରଣ ସ୍ଥାନରେ ଏଭଳି ବ୍ୟବସ୍ଥା କରାଗଲେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକ ଉପକୃତ ହୋଇପାରିବେ। ସବୁ ପବ୍ଲିକ୍ ପ୍ଲେସ୍‌କୁ ଏଭଳି ଭାବେ ବିକଶିତ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଭୀମଭୋଇ ମାର୍ଗକୁ ଦେଶର ପ୍ରଥମ ସେନ୍ସର ମାର୍ଗ ଭାବେ ବିକଶିତ କରାଯାଇଛି। ଏଠାରେ ଅନୁଷ୍ଠାନ ପକ୍ଷରୁ କିଶୋର ଓ ଯୁବବର୍ଗଙ୍କ ଲାଗି ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ସୃଷ୍ଟି କରାଯାଇଥିଲା। ଏଥିସହ ଏହି ମାର୍ଗରେ ଇନ୍ଦ୍ରିୟ ଶକ୍ତି ଅନୁଭବ କରିବାର ଏକ ଅନନ୍ୟ ଯାତ୍ରାପଥ ପ୍ରସ୍ତୁତ ହୋଇଥିଲା। ସବୁ ବର୍ଗର ବହୁମୁଖୀ ଅଂଶଗ୍ରହଣକାରୀଙ୍କୁ ଏହା ଆମୋଦିତ କରିଥିଲା। ଏଥିରେ ଦୃଶ୍ୟ, ଶ୍ରାବ୍ୟ, ସ୍ୱାଦ ଓ ସ୍ପର୍ଶ ଭଳି ଇନ୍ଦ୍ରିୟମାନଙ୍କ ଅନୁଭବ ପାଇଁ ବିଭିନ୍ନ ଢାଞ୍ଚା ଅସ୍ଥାୟୀ ଭାବେ ନିର୍ମିତ କରାଯାଇଥିଲା। ରାସ୍ତାପାର୍ଶ୍ୱ କାନ୍ଥରେ ଚିତ୍ର, ସାଙ୍କେତିକ ଭାଷା, ବ୍ରେଲି ରେଲିଂ, ଡାର୍କ ରୁମ୍, ଅଡିଓ ଲାଇଟ, ରଙ୍ଗୀନ ପ୍ରଗୋଲା ସହିତ ଆନନ୍ଦ ଦାୟକ ଖେଳର ବ୍ୟବସ୍ଥା କରାଯାଇଥିଲା। ଏହା ଦୃଷ୍ଟିବାଧିତ, ବାକ୍‌ବାଧିତ, ଶ୍ରବଣ ବାଧିତ ପିଲାଙ୍କୁ ସର୍ବସାଧାରଣ ସ୍ଥାନଗୁଡିକରେ ସ୍ୱଚ୍ଛନ୍ଦ ଭାବେ ଚଳିବା ଓ ସୁଖଦ ଅନୁଭବ କରିବାରେ ସହାୟକ ହୋଇଥିଲା। କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, ନୀତି ନିର୍ଦ୍ଧାରକ, ବିଭିନ୍ନ ବସ୍ତି କମିଟିର ପ୍ରତିନିଧି ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।

**୭୨ ୟୁନିଟ୍ ରକ୍ତ ସଂଗ୍ରହ**

ଜଟଣୀ,(ରବୀନ୍ଦ୍ରନାଥ ମହାକୁଡ଼): ସ୍ଥାନୀୟ ଅଗ୍ରୱାଲ ଧର୍ମଶାଳା ପରିସରରେ ମା'ଉତ୍ତରାୟଣୀ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ୭୨ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲର ରକ୍ତ ଭଣ୍ଡାର ମୁଖ୍ୟ ତଥା ଡା. ଦେବାଶିଷ ମିଶ୍ରଙ୍କ ନେତୃତ୍ୱରେ ରକ୍ତ ସଂଗ୍ରହ କରାଯାଇଥିଲା। ଉକ୍ତ ଶିବିରକୁ ଜଟଣୀ ହାଇସ୍କୁଲର ୧୯୮୨ ବ୍ୟାଚର ବିଦ୍ୟାର୍ଥୀଙ୍କ ସହିତ ମାରୱାଡି ମହିଳା ସମ୍ମେଳନ ଜଟଣୀ, ମାରୱାଡି ଯୁବମଞ୍ଚ ଜଟଣୀ ସିଟି ଏବଂ ଅଗ୍ରୱାଲ ଚାରିଟେବଲ ଟ୍ରଷ୍ଟର ସଦସ୍ୟ ସହଯୋଗ କରିଥିଲେ।

## ସଂକ୍ଷେପରେ

### କାର୍-ବାଇକ୍ ଧକ୍କା, ୩ ଗୁରୁତର

ବୋଲଗଡ଼,୧୨।୧(ଦେବବ୍ରତ ହୋତା)

ବୋଲଗଡ଼ ଥାନା ଅଧୀନ ଖୋର୍ଦ୍ଧା ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ରେଲୱେ ଓଭରବ୍ରିଜ ନିକଟରେ ରବିବାର ସନ୍ଧ୍ୟାରେ କାର୍-ବାଇକ୍ ମଧ୍ୟରେ ଧକ୍କାହେବାରୁ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଇଟାମାଟି ଥାନା ବାଉଁଶିଆପଡ଼ା ଗ୍ରାମର ସହଦେବ ନାୟକ(୬୮), ଖଣ୍ଡପଡ଼ା ଥାନା ଗୁଣ୍ଠୁଣି ଗ୍ରାମର ଭୀମସେନ ଦାସ(୪୦) ଏବଂ ଶୁଭମ ଦାସ(୧୨)। ଏମାନଙ୍କୁ ଉଦ୍ଧାର ପରେ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଉନ୍ନତ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ସହଦେବଙ୍କ ସମ୍ପର୍କୀୟ ଭାଇ ଶରତ ନାୟକଙ୍କ ଅଭିଯୋଗକ୍ରମେ ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଏବଂ କାର୍ ଜବତ କରି ଥାନାକୁ ଆଣିବା ସହ କାର ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

### ଅବସରପ୍ରାପ୍ତ ପ୍ରାଧ୍ୟାପକ ସନାତନ ମିଶ୍ରଙ୍କ ପରଲୋକ

ଖୋର୍ଦ୍ଧା,୧୨।୧(ପ୍ରଭାତ ପାଣିଗ୍ରାହୀ)



ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂଲିଶ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ସନାତନ ମିଶ୍ର (୮୪)ଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ପରଲୋକ ହୋଇଯାଇଛି। ମୃତ୍ୟୁ ସମୟରେ ତାଙ୍କ ନିକଟରେ ସ୍ତ୍ରୀ ସରୋଜିନୀ, ପୁଅ ସୁଶାନ୍ତ ଓ ସନ୍ତୋଷ, ଝିଅ ମାନସୀ, ଜ୍ୱାଇଁ ବିଭୂତି ମିଶ୍ର ଏବଂ ଭାଇ ବିପିନ ବିହାରୀ ମିଶ୍ର ଉପସ୍ଥିତ ଥିଲେ। ତାଙ୍କ ମରଶରୀର ସ୍ଥାନୀୟ ବାସେଳି ସାହି ସ୍ଥିତ ବାସଭବନରେ ପହଞ୍ଚିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରିଥିଲେ। ଉମାଶଙ୍କର ପ୍ରସାଦ, ଶକ୍ତିଶଙ୍କର ମିଶ୍ର, ବିମଳ ଷଡ଼ଙ୍ଗୀ, ରାଜୀବ ଲୋଚନ ଷଡ଼ଙ୍ଗୀ ପ୍ରମୁଖ ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ବାଘମାରୀ ସେମିଫାଇନାଲରେ

ବେଗୁନିଆ,୧୨।୧ (ହର ପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମସ୍ଥିତ ଖେଳପଡିଆରେ ରବିବାର ମା'ତାରିଣୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସାମାଜିକ କର୍ମୀ ଶିଶିର ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ପ୍ରଧାନ ଶିକ୍ଷକ ପବିଧର ପରିଡା, ପ୍ରଧାନ ଶିକ୍ଷକ ଚିନ୍ତାମଣି ପରିଡା, ସାମାଜିକ କର୍ମୀ ଯୋଗେଶ୍ୱର ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ମ୍ୟାଚ୍ ବାଘମାରୀ ଏବଂ ବେତରଜଙ୍ଗ କ୍ଲବ୍ ମଧ୍ୟରେ ହୋଇଥିଲା। ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହା ଉପରେ ଗୋଲ ଦେଇପାରି ନ ଥିଲେ। ଟାଇବ୍ରେକରରେ ୫-୪ ଗୋଲରେ ବାଘମାରୀ ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ସଗିର ଅହମ୍ମଦ ମ୍ୟାଚ୍ ପରିଚାଳନା କରିଥିବା ବେଳେ ତ୍ରିନାଥ ପରିଡା ଏବଂ ପ୍ରକାଶ ନାୟକ ସହାୟତା କରିଥିଲେ।

# ଯୁବଶକ୍ତି ଜାଗ୍ରତ ହେଲେ ରାଷ୍ଟ୍ରର ବିକାଶ ସମ୍ଭବ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ଏବଂ ଅନ୍ୟମାନେ।

ବୋଲଗଡ଼/ ବେଗୁନିଆ,୧୨।୧ (ଦେବବ୍ରତ ହୋତା/ ହର ପ୍ରସନ୍ନ ପଣ୍ଡା)

ବୋଲଗଡ଼ ବ୍ଲକ ଟିକାତାଳସ୍ଥିତ ଶ୍ରୀରାମକୃଷ୍ଣ ସେବାଶ୍ରମରେ ରବିବାର ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀକୁ ଜାତୀୟ ଯୁବଦିବସ ଭାବେ ପାଳନ କରାଯାଇଛି। ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଭାଗବତାନନ୍ଦ ମହାରାଜଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ 'ଦେଶପ୍ରେମୀ ସନ୍ନ୍ୟାସୀ ସ୍ୱାମୀ ବିବେକାନନ୍ଦ' ଶୀର୍ଷକ ପ୍ରତିଯୋଗିତା 'ସ୍ୱାମୀ ବିବେକାନନ୍ଦଙ୍କ ଦୃଷ୍ଟିରେ ଭାରତବର୍ଷ' ବିଷୟକ ପ୍ରବନ୍ଧ ପ୍ରତିଯୋଗିତା, ସାଧାରଣଜ୍ଞାନ, ସ୍ୱାମୀଜୀଙ୍କ ସ୍ୱଦେଶ ମନ୍ତ୍ର ଉଚ୍ଚାରଣ, କୁଇଜ୍ ପ୍ରତିଯୋଗିତା ଆଦି ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ଏକସାଇକେଲ ଶୋଭାଯାତ୍ରା ଶିକ୍ଷକ ହୃଷିକେଶ ଚମ୍ପତିଙ୍କ ନେତୃତ୍ୱରେ ହୋଇଥିଲା। ଅପରାହ୍ନରେ ଶିକ୍ଷାବିତ୍ ବିଜୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ପ୍ରସନ୍ନ କୁମାର ରଥ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁବଳ ଛୁଆଲସିଂହ, ଭଦ୍ରକ ଡେପୁଟି କଲେକ୍ଟର ସୁରେଶ ଚନ୍ଦ୍ର ପଣ୍ଡା, ଓଡ଼ିଶା ରାମକୃଷ୍ଣ ବିବେକାନନ୍ଦ ଭାବ ପ୍ରଚାର ପରିଷଦର ଆବାହକ ଅଧ୍ୟାପକ ସର୍ବେଶ୍ୱର ସାହୁ ପ୍ରମୁଖ ଯୋଗଦେଇ ଯୁବଶକ୍ତି ହିଁ ଦେଶ ପ୍ରଗତିର ମୂଳଉତ୍ସ ବୋଲି କହିଥିଲେ। ଗୀତାଞ୍ଜଳି ସାହୁ ପ୍ରାରମ୍ଭିକ ସଙ୍ଗୀତଗାନ କରିଥିଲେ। ଅଶୋକ ଦାସ, ଅଶୋକ ସାହୁ, ଶ୍ୟାମାକାନ୍ତ ପଟ୍ଟନାୟକ, ବାବାଜୀ ବେହେରା, ବିମ୍ବାଧର ସାହୁ, କ୍ଷେତ୍ରମୋହନ ରଣା, ସତ୍ୟରଞ୍ଜନ ସ୍ୱାଇଁ, ନଟବର ବେହେରା,ରବୀନ୍ଦ୍ର ନାୟକ, ପ୍ରଫୁଲ୍ଲ ସିଂହ, ଭାସ୍କର ମଙ୍ଗରାଜ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମନୋଜ ଗୁମାନସିଂହ ସ୍ୱାଗତ ଅଭିଭାଷଣ ଏବଂ ଶେଷରେ ଶୁଭ୍ରାଂଶୁ ଶେଖର ସାହୁ ଧନ୍ୟବାଦ ଦେଇଥିଲେ।

ବେଗୁନିଆ ଆଦର୍ଶ କ୍ଲବ ଆନୁକୂଲ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ରବିବାର ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାଗୃହ କକ୍ଷରେ ବରିଷ୍ଠ ସଭ୍ୟ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ଡା.ଅମରେନ୍ଦ୍ର ନାଥ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କବି ଗୌରଚରଣ ସାମନ୍ତସିଂହାର ବକ୍ତାଭାବେ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ 'ଯୁବ ଜାଗୃତି' ଶୀର୍ଷକ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ବିବେକାନନ୍ଦଙ୍କ ଜୀବନଶୈଳୀ ଏବଂ ନେତୃତ୍ୱ ଭାରତବାସୀଙ୍କୁ ଜାଗ୍ରତ କରିଛି। ତାଙ୍କ ପ୍ରେରଣାରେ ଯୁବପିଢୀ ଅନୁପ୍ରାଣିତ ହୋଇ ରାଷ୍ଟ୍ରର ବିକାଶରେ ଯୁବଶକ୍ତିକୁ ବିନିଯୋଗ କରନ୍ତୁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷକ ବିଜୟ ପ୍ରଧାନ, ସମୀର ପ୍ରଧାନ, ରାଜେଶ ସାହୁ, ମଦନ ମୋହନ ସାହୁ, ମୋନାଲିସା ପଟ୍ଟନାୟକ, ବିନୋଦ ସେନାପତି, ପୁର୍ଣ୍ଣେନ୍ଦୁ ପଟ୍ଟନାୟକ, ବାସନ୍ତୀ ପ୍ରଧାନ, କାହ୍ନା ସାହୁ, ଅଶ୍ୱିନୀ ପଟ୍ଟନାୟକ, ସତ୍ୟବାଦୀ ସାହୁ, କୈଳାସ ଚନ୍ଦ୍ର ସାହୁ, ବିଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ରାମଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।




ରାଷ୍ଟ୍ରୀୟ ଯୁବ ଦିବସ ଅବସରରେ ରବିବାର ଭାରତୀୟ ଜନତା ଯୁବମୋର୍ଚ୍ଚା ଖୋର୍ଦ୍ଧା ପକ୍ଷରୁ ଅନୁଷ୍ଠିତ ଯୁବ ଜାଗରଣ ମଶାଲ ଶୋଭାଯାତ୍ରା।

## 'ଯୁବ ସମାଜ ବିକଶିତ ଭାରତର କର୍ଣ୍ଣଧାର ହୁଅନ୍ତୁ'

ଖୋର୍ଦ୍ଧା,୧୨।୧(ପ୍ରଭାତ ପାଣିଗ୍ରାହୀ)

ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଏବଂ ରାଷ୍ଟ୍ରୀୟ ଯୁବ ଦିବସ ଅବସରରେ ଭାରତୀୟ ଜନତା ଯୁବମୋର୍ଚ୍ଚା ସ୍ଥାନୀୟ ଗୀତା ଭବନଠାରୁ ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯୁବ ଜାଗରଣ ମଶାଲ ଶୋଭାଯାତ୍ରା କରି ସ୍ୱାମିଜୀଙ୍କ ବାର୍ତ୍ତା ବାଣ୍ଟିଥିଲେ। ଭାରତୀୟ ସଂସ୍କୃତିକୁ ବିଶ୍ୱ ଦରବାରରେ ପରିଚିତ କରାଇଥିବା ସ୍ୱାମିଜୀଙ୍କ ବିଚାର ଓ ଆଦର୍ଶକୁ ପାଥେୟ କରି ଆସନ୍ତୁ। ସଭିଏଁ ଏକାଠି ହୋଇ ସଙ୍କଳ୍ପ ନେବା ନିଜ ସାମର୍ଥ୍ୟ ଅନୁସାରେ ଦେଶର ଗୌରବ ବଢାଇବା ପାଇଁ ପ୍ରତିବଦ୍ଧତା ହେବାକୁ ଜିଲା ସମ୍ପାଦକ ଗୋପବନ୍ଧୁ ଜେନା ଯୁବ ସମାଜକୁ ଆହ୍ୱାନ କରିଥିଲେ। ଚିକାଗୋ ଧର୍ମ ମହାସଭାର ହିନ୍ଦୁ ଧର୍ମ ଉପରେ ତାଙ୍କ ଅଭିଭାଷଣ ସାରାବିଶ୍ୱରେ ସୃଷ୍ଟିକଲା ଏକ ଆଧ୍ୟାତ୍ମିକ ଜାଗରଣ। ଯୁବକଙ୍କ ଉଦ୍ଦେଶ୍ୟରେ ତାଙ୍କ ବାଣୀ ଉଠ, ଜାଗ୍ରତ ହୁଅ ଲକ୍ଷ୍ୟ ପ୍ରାପ୍ତି ନ ହେବାଯାଏ ଥକ ନାହିଁ, ପ୍ରୟାସ ଜାରିରଖ ଏହି ଉକ୍ତିରୁ ପ୍ରେରଣା ନେଇ ବିକଶିତ ଖୋର୍ଦ୍ଧା ବିକଶିତ ଓଡ଼ିଶା ଏବଂ ଭାରତ ଗଠନ ପାଇଁ ପ୍ରୟାସ ଜାରି ରଖିବା ପାଇଁ ଯୁବନେତା ବିଶ୍ୱଦୀପ ପ୍ରଧାନ କହିଥିଲେ। ଏହି କାର୍ଯ୍ୟକ୍ରମକୁ ଗୋପବନ୍ଧୁ ଜେନା, ମାନସ ରଞ୍ଜନ ସାହୁ ସଂଯୋଜନା କରିଥିଲେ। ଜିଲା ଯୁବମୋର୍ଚ୍ଚା ସଭାପତି ପ୍ରଦୀପ ବଡ଼ଜେନା, ସାଧାରଣ ସମ୍ପାଦକ ଆଶୁତୋଷ ବେହେରା, ସୁଟୁ ପାଇକରାୟ, ପ୍ରଦୀପ ସ୍ୱାଇଁ, ସୁନୀଲ ପ୍ରଧାନ, ଅଂଶୁମାନ ପଟ୍ଟନାୟକ, ଶକ୍ତି ରଞ୍ଜନ ସ୍ୱାଇଁ, ରୁଦ୍ରାଭିଷେକ ମାନ୍ଧାତା, ଅମିତ ବାରିକ, ତରୁଣ ସାହୁ, ସ୍ୱୟଂ ସ୍ୱାଇଁ, ଶିବପ୍ରସାଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## 'ବିକାଶ ନଗର ବିକାଶର ବାର୍ତ୍ତା ଦେଉ'

ଖୋର୍ଦ୍ଧା,୧୨।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବିକାଶ ନଗର ନାଗରିକ ପରିଷଦର ୧୦ମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଶିକ୍ଷାବିତ୍ ବି.ବି ରାୟଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବିଧାୟକ ପ୍ରଶାନ୍ତ ଜଗଦେବ ମୁଖ୍ୟ ଅତିଥି, ଖବରଦାତା ପ୍ରଭାତ ପାଣିଗ୍ରାହୀ ମୁଖ୍ୟ ବକ୍ତା, ପୌର ନିର୍ବାହୀ ଅଧିକାରୀ ରିଜୱାନା କଅକବ, କନିଷ୍ଠ ଯନ୍ତ୍ରୀ କେ.ରଶ୍ମିତା, ସାମାଜିକ କର୍ମୀ ଷୋଭନ ଘୋଷ, ବରିଷ୍ଠ ଭାଜପା ନେତା ନିକୁଞ୍ଜ ପଟ୍ଟନାୟକ, ଏମ୍‌ପିଙ୍କ ପ୍ରତିନିଧି ଦିଲୀପ ହୋତା, ଜିତେନ୍ଦ୍ର ଦାସ, ବିଜୟ ବାବାଜୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ବିଧାୟକ ଜଗଦେବ କହିଥିଲେ, ମନୁଷ୍ୟ ମଧ୍ୟରେ ଭାବନା, ବିଚାର ରହିଛି। ନିଜ ବିଚାରଧାରାରେ ପରିବର୍ତ୍ତନ ଆଣନ୍ତୁ। ସମାଜସେବାରେ ନିୟୋଜିତ ହୁଅନ୍ତୁ। ଘର ପରିବେଶ ସ୍ୱଚ୍ଛ, ଦାଣ୍ଡ ସରକାରଙ୍କ ଭାବିଲେଅଳିଆ ଆବର୍ଜନା ହଟିବନି। ମାନସିକତାରେ ପରିବର୍ତ୍ତନ ଆଣନ୍ତୁ। ବିକାଶ ନଗର ବିକାଶର ବାର୍ତ୍ତା ଦେଉ ବୋଲି କହିଥିଲେ। ଏହି ଅବସରରେ ବିକାଶ ନଗର ବିକାଶ ପାଇଁ ୧୦ଲକ୍ଷ ଟଙ୍କା ଅନୁଦାନ ଘୋଷଣା କରିଥିଲେ। ମୁଖ୍ୟବକ୍ତା ପାଣିଗ୍ରାହୀ କହିଥିଲେ, ସ୍ୱାମୀ ବିବେକାନନ୍ଦଙ୍କ ଭାରତ ବର୍ଷ ଯୁବଶକ୍ତିର ପ୍ରତୀକ। ଯୁବ ସମାଜ ଆଗାମୀ ଭବିଷ୍ୟତ ବିକଶିତ ଭାରତର କର୍ଣ୍ଣଧାର। ଯୁବଶକ୍ତି ମଧ୍ୟରେ ଉର୍ଜା, ଅମାପ ଶକ୍ତି ରହିଛି। ସମୟକୁ ଅପଚୟ ନକରି କଠିନ ପରିଶ୍ରମ, ଏକାଗ୍ରତା ରହିଲେ ସଫଳତା ଶୀର୍ଷ ରେ ପହଞ୍ଚି ପାରିବ। ସେହିପରି ନିର୍ବାହୀ ଅଧିକାରୀ କହିଥିଲେ, ନିଜ ଅଞ୍ଚଳର ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଅନ୍ତୁ। ବିକାଶରେ ସହଭାଗୀ ହୁଅନ୍ତୁ। ଅନୁଷ୍ଠାନ ସମ୍ପାଦକ ଅଧିବକ୍ତା ମନ୍ମଥ ମିଶ୍ର ବାର୍ଷିକ ବିବରଣୀ ପାଠ ସହ ସଂଯୋଜନା କରିଥିଲେ। ପ୍ରଦୀପ୍ତ ରାଉତ ସ୍ୱାଗତ ଭାଷଣ, ସନ୍ଦିପ ରାୟ ଏବଂ ଶେଫାଳି ଶ୍ରୀଚନ୍ଦନ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




ଖୋର୍ଦ୍ଧା ବିକାଶ ନଗର ନାଗରିକ ପରିଷଦର ବାର୍ଷିକୋତ୍ସବରେ ବିଧାୟକ ପ୍ରଶାନ୍ତ ଜଗଦେବ ଉଦ୍‌ବୋଧନ ଦେଉଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ କାର୍ତ୍ତିକ



@ ଦିଲ୍ଲୀପ



@ ପ୍ରଶାନ୍ତ



@ ମନୋରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମେଗା ସ୍ୱାସ୍ଥ୍ୟମେଳା ୧୪ରେ

ବେଗୁନିଆ,୧୨।୧(ସନ୍ଧ୍ୟାରାଣୀ ମିଶ୍ର)

ଅତ୍ରି ଉଷ୍ଣପ୍ରସ୍ରବଣ ପରିସରରେ ମକର ମହୋତ୍ସବ ଅବସରରେ ଆସନ୍ତା ୧୪ତାରିଖରୁ ୧୮ତାରିଖ ପର୍ଯ୍ୟନ୍ତ ମେଗା ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହେବ। ଆଗ୍ରୋଟେକ୍ ଚାରିଟେବୁଲ ଟ୍ରଷ୍ଟ ଏବଂ ବେଗୁନିଆ ମିଡିଆ ହାଉସ ସହଯୋଗରେ ଏହି ସ୍ୱାସ୍ଥ୍ୟସେବା ଶିବିରରେ ଡାକ୍ତରଙ୍କ ଦ୍ୱାରା ପରାମର୍ଶ ଓ ମାଗଣା ଔଷଧ ବଣ୍ଟନ କରାଯିବ। ଜନସାଧାରଣ ଏହାର ସେବା ନେବା ପାଇଁ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## କଳିଙ୍ଗ ସ୍ପୋର୍ଟିଂ ଭୁବନେଶ୍ୱର, ଡାଇନାମିକ ଏଫ୍‌ସି ଜଟଣୀ ଚାମ୍ପିୟନ

ଜଟଣୀ,୧୨।୧(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅଧୀନ କୁସୁମାଟି ଖେଳପଡ଼ିଆରେ ଅନୁଷ୍ଠିତ ୨୬ତମ ଶିବର୍ଷି ସ୍ମାରକୀ ଅଲ୍ ଓଡିଶା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସହରାଞ୍ଚଳ ବିଭାଗରେ ନାଇଜେରିଆନ -୧୧କୁ ହରାଇ କଳିଙ୍ଗ ସ୍ପୋର୍ଟିଂ ଭୁବନେଶ୍ୱର ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ସେହିପରି ଗ୍ରାମାଞ୍ଚଳ ବିଭାଗରେ ଅରୁଗୁଳ ଏଫ୍‌ସିକୁ ହରାଇ ଡାଇନାମିକ ଏଫ୍‌ସି ଜଟଣୀ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ସହରାଞ୍ଚଳ ବିଭାଗରେ ମଳୟ ସ୍ୱାଇଁ ମ୍ୟାନ ଅଫ ଦି ମ୍ୟାଚ୍ ଏବଂ ମ୍ୟାନ ଅଫ ଦ ଟୁର୍ନାମେଣ୍ଟ ଜୁମୁଙ୍କୁ ପ୍ରଦାନ କରାଯାଇଛି। ସେହିପରି ଗ୍ରାମାଞ୍ଚଳ ବିଭାଗରେ ବଳଭଦ୍ର ମୁର୍ମୁ ମ୍ୟାନ ଅଫ ଦ ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ସହରାଞ୍ଚଳ ବିଭାଗର ଚାମ୍ପିୟନ ଟିମକୁ ୧୬ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସ ଅପ ଟିମକୁ ୧୨ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଛି। ସେହିପରି ଗ୍ରାମାଞ୍ଚଳ ବିଭାଗର ଚାମ୍ପିୟନ ଟିମକୁ ୩ହଜାରଟଙ୍କା ସହ ଟ୍ରଫି ଏବଂ ରନର୍ସଅପ ଟିମକୁ ୨ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଛି। ଅତିଥିଭାବେ ବରିଷ୍ଠ ନେତା ସୁରେଶ କୁମାର ରାଉତରାୟ, ବିଜେଡି ନେତା ମନ୍ମଥ ରାଉତରାୟ, ଛଣଘର ସରପଞ୍ଚ ସୁବାସିନୀ ବିଶ୍ୱାଳ, ସମିତି ସଭ୍ୟା ସତ୍ୟଭାମା ରାଉତରାୟ, ନିପେନ ଦାସ, ନୟନ ନାୟକ, ଦେବାଶିଷ ନାୟକ, ତ୍ରିଲୋଚନ ପ୍ରଧାନ, ଶୁଭ୍ରାଂଶୁ ପଟ୍ଟନାୟକ, ଏମ.ଡି. ଖୁସୁଦ୍ଦୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ରାଜୁ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିବା ବେଳେ ପ୍ରଫୁଲ୍ଲ ବେହେରା, ବିଦେଶୀ ନାୟକ ଏବଂ କେଦାର ବରାଳ ସହଯୋଗ କରିଥିଲେ।



## ଗିନି କପ୍ ଜିତିଲା ଖୋର୍ଦ୍ଧା କ୍ରିକେଟ ଆସୋସିଏଶନ

ଖୋର୍ଦ୍ଧା,୧୨।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ସବ୍ୟସାଚୀ ଏବଂ ଦିନେଶ ମେମୋରିଆଲ ଗିନି କପ୍-୨୦୨୫ ଦ୍ୱିତୀୟ ସଂସ୍କରଣରେ ଖୋର୍ଦ୍ଧା କ୍ରିକେଟ ଆସୋସିଏଶନ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ଖୋର୍ଦ୍ଧା କ୍ରିକେଟ ଆସୋସିଏଶନ ଏବଂ ସୋଲାର କ୍ରିକେଟ କ୍ଲବ କଟକ ମଧ୍ୟରେ ହୋଇଥିଲା। ଟସ୍ ଜିତି ଖୋର୍ଦ୍ଧା ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ଉଇକେଟ ବିନିମୟରେ ୧୫୭ ରନ ସଂଗ୍ରହ କରିଥିଲା। ଜବାବରେ ସୋଲାର କ୍ଲବ କଟକ ୨୦ଓଭରରେ ୮ଉଇକେଟ ବିନିମୟରେ ୧୦୬ରନ ସଂଗ୍ରହ କରି ପରାଜିତ ହୋଇଥିଲା। ପ୍ରୀତିରଞ୍ଜନ ବିଜୟସିଂ ଏବଂ ଚନ୍ଦ୍ର ମୋହନ ବରାଳ ମ୍ୟାଚ୍ ପରିଚାଳନା କରିଥିଲେ। ପ୍ଲେୟାର ଅଫ ଦି ଫାଇନାଲଭାବେ ରାକେଶ କୁମାର ପଟ୍ଟନାୟକଙ୍କୁ ୫ହଜାର ଟଙ୍କାର ଚେକ୍, ଟ୍ରଫି ଏବଂ ସ୍ମାର୍ଟ ୱାଚ ପ୍ରଦାନ କରାଯାଇଥିଲା। ସେହିପରି ପ୍ଲେୟାର ଅଫ ଦି ଟୁର୍ନାମେଣ୍ଟଭାବେ ପ୍ରଦୀପ୍ତ ଦାସଙ୍କୁ ୧୦ହଜାର ଟଙ୍କାର ଚେକ୍, ଟ୍ରଫି ସହ ସ୍ମାର୍ଟ ୱାଚ୍ ପ୍ରଦାନ କରାଯାଇଥିଲା।




ଇମ୍ପାକ୍ଟ ଖେଳାଳିଭାବେ ସୁମିତ ମହାରଣାଙ୍କୁ ପୁରସ୍କୃତ କରାଯାଇଥିଲା। ଖୋର୍ଦ୍ଧା ପୌରାଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି ଏବଂ ଖୋର୍ଦ୍ଧା ସମବାୟ ବ୍ୟାଙ୍କ ସଭାପତି ଅଭିଷେକ ସିଂ ସାମନ୍ତ ମ୍ୟାଚର ଶୁଭାରମ୍ଭ କରିଥିଲେ। ଆୟୋଜକ କମିଟି କାର୍ଯ୍ୟକାରୀ ସଭାପତି ମନୋଜ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ସମ୍ମାନିତ ଅତିଥି ବ୍ରହ୍ମଗିରିର ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଉପସଭାପତି ମହେଶ ଅଗ୍ରୱାଲ, ସମ୍ପାଦକ ଭବାନୀ ଶଙ୍କର ପଣ୍ଡା ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମକୁ କପ୍ ସହ ୫୦ହଜାର ଟଙ୍କାର ଚେକ୍ ଏବଂ ରନର୍ସଅପ ଟିମ୍‌କୁ ଟ୍ରଫି ସହ ୩୦ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଏଥିସହିତ ଆସୋସିଏଶନର ପ୍ରତିଷ୍ଠାତା ସଭ୍ୟ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବଂ କ୍ରିକେଟ କୋଚ୍ କାର୍ତ୍ତିକ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଖୋର୍ଦ୍ଧାର ଯୁବ କ୍ରିକେଟ ଖେଳାଳି ସ୍ୱର୍ଣ୍ଣଭ ଦାସ ଏବଂ ପୀୟୂଷ କୁମାର ବଳିୟାରସିଂଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଦେବୀ ଶଙ୍କର ପଣ୍ଡା ଧନ୍ୟବାଦ ଦେଇଥିଲେ। ଗିନି କପ୍‌ର ସଫଳତା ପାଇଁ ସମ୍ପାଦକ ଭବାନୀ ଶଙ୍କର ପଣ୍ଡା ସମସ୍ତ ସଭ୍ୟଙ୍କୁ କୃତଜ୍ଞତା ଜଣାଇଥିଲେ।

## ମା'କାମାକ୍ଷା ସ୍ପୋର୍ଟ୍ସ କ୍ଲବ ବକ୍ସର ଚାମ୍ପିୟନ

ଟାଙ୍ଗୀ,୧୨।୧(ରଘୁନାଥ ସାହୁ)

ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଟାଙ୍ଗୀ ଚିଲିକା ଷ୍ଟାଡିୟମରେ ଅନୁଷ୍ଠିତ ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ମା'କାମାକ୍ଷା ସ୍ପୋର୍ଟ୍ସ କ୍ଲବ୍ ବକ୍ସର ବିହାର ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ମା'କାମାକ୍ଷା ସ୍ପୋର୍ଟସ କ୍ଲବ୍ ବକ୍ସର ଏବଂ ରଙ୍ଗବାଜ ଫୁଟ୍‌ବଲ କ୍ଲବ୍ ଜଗଦଲପୁର ଛତିଶଗଡ଼ ମଧ୍ୟରେ ହୋଇଥିଲା। ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ବକ୍ସର ଟିମ୍‌ର ୧୩ନମ୍ବର ଖେଳାଳି ଫିଲିପ୍ ଏକ ଗୋଲ ଦେଇଥିଲେ। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଜଗଦଲପୁର ଟିମ୍ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ବକ୍ସର ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ବ୍ରହ୍ମା ନନ୍ଦ ଭୋଇ, ପ୍ରିୟବ୍ରତ ବାହିନୀପତି, ଜିତେନ୍ଦ୍ର ପାତ୍ର ଏବଂ ନନ୍ଦ କିଶୋର ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିଲେ। ସଭାପତି କିଶୋର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ମୁଖ୍ୟ ବକ୍ତା ସଞ୍ଜୟ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ବାସନ୍ତୀ ମହାପାତ୍ର, ବିକ୍ରମ କେଶରୀ ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଉଭୟ ଦଳର ଶ୍ରେଷ୍ଠ ଖେଳାଳିଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ବିଜୟ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଜୟ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସୁରେନ୍ଦ୍ର ମହାପାତ୍ର, ଚିନ୍ମୟ ପୃଷ୍ଟି, ଆଇନଜୀବୀ ନକୁଳ ନାୟକ, ସୁନୀଲ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।



**ଶିବିରରୁ ୩୭ ୟୁନିଟ୍ ରକ୍ତ ସଂଗ୍ରହ**

କଣ୍ଟାପଡା,(ସୁରନାରାୟଣ ସାହୁ): ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଓଲଟପୁରସ୍ଥିତ ଶୁଶ୍ରୁତ ସ୍ୱାସ୍ଥ୍ୟ ସହାୟତା କେନ୍ଦ୍ର (ଆରୋଗ୍ୟ ଭବନ) ପରିସରରେ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଶ୍ରୀ ହସ୍ପିଟାଲର ସିଏମ୍‌ଡି ସାଲିନ କୋଥାକୋଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଆର୍‌ଏସ୍‌ଏସ୍‌ର ପୂର୍ବ ପ୍ରାନ୍ତ ସେବା ପ୍ରମୁଖ ଶାନ୍ତନୁ କୁମାର ମାଝୀ, ସମ୍ମାନିତ ଅତିଥି ଭାବେ ଡା. ଲୁଲୁପ କୁମାର ସାହୁ, ଉତ୍କଳ ବିପନ୍ନ ସହାୟତା ସମିତିର ସେବା ପ୍ରମୁଖ ଇଂ. ଅକ୍ଷୟ କୁମାର ବିଟ୍ ଯୋଗଦେଇଥିଲେ। କିଶୋର କୁମାର ରାଉତରାୟ, ଶୁଶ୍ରୁତ ସହାୟତା କେନ୍ଦ୍ରର ସହ ସହାୟକ ପ୍ରିୟବ୍ରତ ପ୍ରଧାନ, ସଦସ୍ୟ ବିଶ୍ୱଜିତ୍ ପରିଡା ଶିବିର ପରିଚାଳନା କରିଥିଲେ।

# ଦୋକାନକୁ ପଶିଗଲା କାର୍: ବୃଦ୍ଧ ମୃତ, ୪ ଗୁରୁତର

ନିଶ୍ଚିନ୍ତକୋଇଲି,୧୨।୧(ଅଶୋକ କୁମାର ମହାପାତ୍ର)

କଟକ ଜିଲା ଭଦ୍ରେଶ୍ୱର ଥାନା ଅଧୀନସ୍ଥ ଓସ୍ତପୁର ନାଳିପଡ଼ିଆ ନିକଟରେ ରବିବାର ସକାଳେ ଏକ କାର ଭାରସାମ୍ୟ ହରାଇ ଜଳଖିଆ ଦୋକାନ ଭିତରକୁ ପଶିଯାଇଛି। ଏଥିରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବାବେଳେ ୪ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଏହି ଥାନା ଅନ୍ତର୍ଗତ ଓସ୍ତପୁର ଗ୍ରାମର ପରମାନନ୍ଦ ସାହୁ(୬୫)। ପୁଅ ସନ୍ତୋଷ କୁମାର ସାହୁଙ୍କ ସୁପାରିସକ୍ରମେ ତାଙ୍କ ୨ ଆଖିକୁ କଟକ ବଡ଼ ଡାକ୍ତରଖାନାରେ ଦାନ କରାଯାଇଛି। ଖବରପାଇ ପୋଲିସ ପହଞ୍ଚି ପରମାନନ୍ଦଙ୍କ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଦୁର୍ଘଟଣା ଘଟାଇଥିବା କାର ( ନଂ. ଓଡି -୦୨-ବିଟି-୩୧୯୬)କୁ ଜବତ କରିଛି। ମାତ୍ର ଚାଳକ ଖସିଯିବାକୁ ସକ୍ଷମ ହୋଇଛନ୍ତି। ରାତିରେ ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ପରମାନନ୍ଦଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।


ଦୁର୍ଘଟଣାରେ ଭାଙ୍ଗିଯାଇଥିବା ଜଳଖିଆ ଦୋକାନ, ବିଦ୍ୟୁତ୍ ଖୁଣ୍ଟ।

**ମୃତ୍ୟୁ ପରେ ଆଖି ଦାନ କଲେ ପରିବାର ସଦସ୍ୟ**


ମୃତ ପରମାନନ୍ଦ ସାହୁ।

ରବିବାର ସକାଳ ପ୍ରାୟ ୮ଟା ୩୦ ବେଳେ ନାଳିପଡ଼ିଆ ବଜାରର ଏକ ଜଳଖିଆ ଦୋକାନରେ କେତେଜଣ ଲୋକ ଚା’ ପିଉଥିଲେ। ଏହି ସମୟରେ ହଠାତ୍ ଏକ କଳାରଙ୍ଗର ନୂଆକାର୍ ପାଖରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ପ୍ରଥମେ ଧକ୍କାଦେବା ପରେ ନିକଟରେ ଥିବା ୨ ଦୋକାନକୁ ମାଡ଼ିଯାଇ ଶେଷରେ ସମ୍ପୃକ୍ତ ଜଳଖିଆ ଦୋକାନ ଭିତରକୁ ପଶିଯାଇଥିଲା। ଫଳରେ ଦୋକାନରେ ଚା’ ପିଉଥିବା ବୃଦ୍ଧ ପରମାନନ୍ଦଙ୍କ ସମେତ ଗୋତରା ପଞ୍ଚାୟତର ସେକ୍ ସବିର ଖାଁ(୭୫), ସାଲେପୁର ଥାନା ଅନ୍ତର୍ଗତ ରାମକୃଷ୍ଣପୁରର ଶୁକଦେବ ଦାସ(୫୨), ଚିତ୍ତରଞ୍ଜନ ଲେଙ୍କା (୪୦), କାର୍ତ୍ତିକ ସାମଲ (୬୦) ଗୁରୁତର ହୋଇଥିଲେ। ସମସ୍ତ ଗୁରୁତରଙ୍କୁ ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସେଠାରେ ପରମାନନ୍ଦଙ୍କୁ ଡାକ୍ତର ମୃତ ଘୋଷଣା କରିଥିବାବେଳେ ସେକ୍ ସବିରଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଖବରଲେଖା ପର୍ଯ୍ୟନ୍ତ ଭଦ୍ରେଶ୍ୱର ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା। ଅଭିଯୁକ୍ତ ଚାଳକଙ୍କୁ ବଞ୍ଚାଇବା ପାଇଁ ଷଡ଼ଯନ୍ତ୍ର ଚାଲିଥିବା ଚର୍ଚ୍ଚା ହେଉଥିବାବେଳେ ସିସିଟିଭି ଫୁଟେଜ ଯାଞ୍ଚ କଲେ ଚାଳକଙ୍କ ପ୍ରକୃତ ପରିଚୟ ମିଳିପାରିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ପ୍ରାଥମିକ ତଦନ୍ତ ଅନୁଯାୟୀ, ବେପରୁଆ ଗାଡ଼ି ଚାଳନା ପାଇଁ ଏହି ଦୁର୍ଘଟଣା ଘଟିଛି ବୋଲି ଭଦ୍ରେଶ୍ୱର ଥାନା ଅଧିକାରୀ ସନ୍ଧ୍ୟାରାଣୀ ସିଂ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଅବସରପ୍ରାପ୍ତ କେନ୍ଦ୍ର ସରକାରୀ କର୍ମଚାରୀ ସଂଘର ଦ୍ୱିବାର୍ଷିକୀ ସମ୍ମିଳନୀ

କଟକ,୧୨।୧(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ତୁଳସୀପୁର ହରିଣ ପାର୍କ ନିକଟସ୍ଥ ମଧୁସୂଦନ ପାଠାଗାର ପରିସରରେ ସର୍ବଭାରତୀୟ ଅବସରପ୍ରାପ୍ତ କେନ୍ଦ୍ର ସରକାରୀ କର୍ମଚାରୀ ସଂଘ କଟକ ଶାଖାର ଦ୍ୱିବାର୍ଷିକୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଭାପତି ଜୟକୃଷ୍ଣ ଆଚାର୍ଯ୍ୟ ଯୋଗଦେଇ ପେନ୍‌ସନ୍‌ଭୋଗୀଙ୍କ ସମସ୍ୟାର ସାମାଧାନ ପାଇଁ ସରକାର ପଦକ୍ଷେପ ନିଅନ୍ତୁ ବୋଲି କହିଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ନିର୍ମଳେନ୍ଦୁ ଗୁପ୍ତ ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ ଅଭିମନ୍ୟୁ ନାୟକ ବିବରଣୀ ପାଠ, ଅର୍ଥ ସମ୍ପାଦକ ନିକୁଞ୍ଜ ବିହାରୀ ରଥ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ବିଭିନ୍ନ ପ୍ରାନ୍ତରୁ ଆସିଥିବା ସଂଘର ସଦସ୍ୟମାନେ ଅଷ୍ଟମ ବେତନ କମିଶନ ଗଠନ, ବକେୟା ୧୮ ମାସର ମହଙ୍ଗା ଭତ୍ତା ପ୍ରଦାନ, ପେନ୍‌ସନ୍‌କୁ ଆୟକର ମୁକ୍ତ କରିବା ପାଇଁ ଦାବି କରିଥିଲେ। ଯୁଗ୍ମ ସାଧାରଣ ସମ୍ପାଦକ ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ ସଭା ପରିଚାଳନା ଓ କଟକ ଶାଖା ସଭାପତି ବିଜୟରାମ ମହାନ୍ତି ଧନ୍ୟବାଦ ଦେଇଥିଲେ।

### ଧର୍ମପରାୟଣା ବୃଦ୍ଧାଙ୍କ ପରଲୋକ

କଟକ ସଦର,୧୨।୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋରନଗର ଗ୍ରାମର ଧର୍ମପରାୟଣା ମହିଳା ଲୋଭା ମଲ୍ଲିକ(୭୬)ଙ୍କ ରବିବାର ପରଲୋକ



ହୋଇଯାଇଛି। ବାର୍ଦ୍ଧକ୍ୟଜନିତ କାରଣରୁ ସେ କଟକର ଏକ ଘରୋଇ ନର୍ସିଂହୋମ୍‌ରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇ ପୁତ୍ର କୈଳାସ ଓ ରମେଶ, ପୂର୍ବତନ ଜିଲାପରିଷଦ ସଭ୍ୟ ବିଳାସ ମଲ୍ଲିକ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜ୍ୟେଷ୍ଠପୁତ୍ର କୈଳାସ ମୁଖାଗ୍ନି ଦେଇଥିଲେ।

# ‘ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବା ଜରୁରୀ’



ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

**କମିଶନ୍‌ରେଟ୍ ପୋଲିସର ରେଜିଂ ଡେ ସମାରୋହ**

କଟକ,୧୨।୧(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୋଲିସ ପଡିଆରେ କମିଶନରେଟ୍ ପୋଲିସର ୧୭ତମ ରେଜିଂ ଡେ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୋଲିସ ଗ୍ରାଉଣ୍ଡରୁ ଗଣଦୌଡ ବାହାରି ଜବାହରଲାଲ ନେହେରୁ ଇନଡୋର୍ ଷ୍ଟାଡିୟମରେ ପହଞ୍ଚିଥିଲା। କଟକ ଡିସିପି ଜଗମୋହନ ମୀନା ଯୋଗଦେଇ କହିଥିଲେ, ଜନସାଧାରଣଙ୍କ ସୁରକ୍ଷା ପୋଲିସର ପ୍ରଧାନ କର୍ତ୍ତବ୍ୟ। ସମସ୍ତେ ନିଜ ସ୍ୱାସ୍ଥ୍ୟପ୍ରତି ଯତ୍ନବାନ ହେବା ଜରୁରୀ। ବ୍ୟାୟାମ ସହିତ ପ୍ରତିଦିନ କିଛି ବାଟ ଦୌଡ଼ିବାକୁ ସେ ପରାମର୍ଶ ଦେଇଛନ୍ତି। ଏଥିରେ ଅନ୍ୟତମ ଅତିଥି ଭାବେ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, କଟକ ସଦର ବିଧାୟକ ଇଂ. ପ୍ରକାଶ ସେଠୀ, ମେୟର ସୁବାସ ସିଂ ଯୋଗଦେଇ ମଣିଷ ଜୀବନରେ ବ୍ୟାୟାମର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏଥିରେ ଆଇଜି (ହେଡକ୍ୱାର୍ଟସ୍) ପ୍ରବୀଣ କୁମାର, ଆଇଜି (କମ୍ୟୁନିକେଶନ୍) ସତୀଶ ଗଜ୍‌ଭିଏ, ଡିଆଇଜି ଡି. ଗଙ୍ଗାଧର ଯୋଗଦେଇ କମିଶନରେଟ୍ ପୋଲିସର ଲକ୍ଷ୍ୟ, ଆଭିମୁଖ୍ୟ ଓ କାର୍ଯ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ପାଳିତ

କଟକ,୧୨।୧(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ବଙ୍ଗାଳୀସାହିସ୍ଥିତ ରାମକୃଷ୍ଣ କୁଟିରଠାରେ ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସମ୍ବାଦ କଟକ ସଂସ୍କରଣର ଏଜିଏମ୍ କୃଷ୍ଣପ୍ରସାଦ ଦାସ, ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. କୃଷ୍ଣଚନ୍ଦ୍ର ମହାନ୍ତି ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଯୁବ ସମାଜ ବିବେକାନନ୍ଦଙ୍କ ମାର୍ଗଦର୍ଶନରେ ଆଗେଇବା ଆବଶ୍ୟକ ବୋଲି କହିଥିଲେ। ଅନୁଷ୍ଠାନର ଉପସଭାପତି ଡ. ସତ୍ୟ ରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ଗୋକୁଳାନନ୍ଦ ପଟ୍ଟନାୟକ ଅତିଥି ପରିଚୟ ଓ ସହସମ୍ପାଦକ ଭୁବନାନନ୍ଦ ମହାନ୍ତି ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଏହି ଅବସରରେ ପ୍ରବାସିନୀ ମହାନ୍ତିଙ୍କ ରଚିତ କବିତା ପୁସ୍ତକ ‘ସବୁତ ତୁମରି ଦାନ’ ଉନ୍ମୋଚିତ ହୋଇଥିଲା। ରୋଟାରି କ୍ଲବ୍ ଅଫ୍ କଟକ ରେଡିଏନ୍ସ ପକ୍ଷରୁ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ବଦ୍ରିମୋହନ ରାଉତ, ବଳରାମ ସାହୁ ଓ ଆଦିତ୍ୟ ବଡ଼ଜେନାଙ୍କୁ ପୁରସ୍କୃତ କରାଯାଇଥିଲା। ଓଡ଼ିଶା ପ୍ରେସ୍ ଆଣ୍ଡ ମିଡିଆ ଟ୍ରଷ୍ଟ ପକ୍ଷରୁ ସ୍ୱାମୀ ବିବେକାନନ୍ଦ-ଏକତା ଓ ବିଶ୍ୱଭ୍ରାତୃତ୍ୱର ପ୍ରତୀକ ଶୀର୍ଷକ ଏକ ଲେଖା ବିତରଣ କରାଯାଇଥିଲା। ସୁଭାଷ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନମିତା ପଣ୍ଡା, ପ୍ରିୟରଞ୍ଜନ ମହାପାତ୍ର, ଡ. ଓଁକାର ରାଉତ, ଦିଲୀପ ଦାସ, ଲକ୍ଷ୍ମୀନାରାୟଣ ଦାଶ, ବିଦ୍ୟୁତ୍ କୁମାରୀ ଲାଲା, ଇନ୍ଦିରା ଶୁଭଦର୍ଶିନୀ ପ୍ରସାଦ, ଶ୍ୟାମସୁନ୍ଦର ସାହୁ, ମିଳନ ବନ୍ଧୁ ପ୍ରମୁଖ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ କାର୍ତ୍ତିକ


@ ଦିଲୀପ


@ ପ୍ରଶାନ୍ତ


@ ମନୋରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜାତୀୟ ଯୁବ ଦିବସରେ ଗଣଦୌଡ଼

ଚୌଦ୍ୱାର,୧୨।୧(ଆଶୁତୋଷ ଦାସ)

ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ଅବସରରେ ସ୍ଥାନୀୟ ସ୍ୱେଚ୍ଛାସେବୀ ଯୁବ ଅନୁଷ୍ଠାନ ବିବେକାନନ୍ଦ ସୋସିଆଲ ଡେଭେଲପମେଣ୍ଟ ପକ୍ଷରୁ ଗଣଦୌଡ ଓ ବିଭିନ୍ନ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ସକାଳେ ଓଟିଏମ୍ କଲୋନୀସ୍ଥିତ ଗୋପବନ୍ଧୁ ପଡିଆରୁ ଗଣଦୌଡ଼ ବାହାରି ଚୌଦ୍ୱାର ଅଞ୍ଚଳର ପ୍ରାୟ ୧୦ କିମି ରାସ୍ତା ପରିକ୍ରମା କରିଥିଲା। ଏଥିରେ ଜାତୀୟ କ୍ରୀଡାବିତ୍ ନଳିନୀକାନ୍ତ ମିଶ୍ର, ପ୍ରତିମା ମିଶ୍ର, କବିସୂର୍ଯ୍ୟନଗର ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ବିଜୟ ସାହୁ, ଚୌଦ୍ୱାର ଥାନା ଏସ୍‌ଆଇ ଆଶୁତୋଷ ପାଣି, କାଉନସିଲର ବିନୋଦିନୀ ରାଉତରାୟ, ଶରତ ଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଗଣଦୌଡ଼ରେ ୫୦୦ରୁ ଊର୍ଦ୍ଧ୍ୱ ଯୁବତୀ, ଯୁବକ, ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଡିବେଟ, କୁଇଜ୍, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ସ୍ଥାନୀୟ ଅଞ୍ଚଳର ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସଙ୍ଗଠନ ସଭାପତି ଭାସ୍କର ଚନ୍ଦ୍ର ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଟାଙ୍ଗୀସ୍ଥିତ ଜଳୌକା ଆନନ୍ଦ ଧାମର ମହନ୍ତ ବାବାଜି ଅମୃତାନନ୍ଦ ଦାସ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତା ଓ ଗଣଦୌଡ଼ରେ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅଶ୍ୱିନୀ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ।



କଟକ ଶତାବ୍ଦୀ ଭବନରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ରବିବାର ଅନୁଷ୍ଠିତ ଯୁବ ସାରସ୍ୱତ ସମାରୋହରେ ଡକ୍ଟର ଆଲୋକ ବରାଳଙ୍କୁ ନାଥବ୍ରହ୍ମ ଯୁବ ଗବେଷକ ସମ୍ମାନ ଓ କଣ୍ଠଶିଳ୍ପୀ ରବୀନ୍ଦ୍ର କୁମାର ମହାପାତ୍ରଙ୍କୁ କଳ୍ପନା ବଳ ଯୁବ କଣ୍ଠଶିଳ୍ପୀ ପୁରସ୍କାର ପ୍ରଦାନ କରାଯାଉଛି।

# ନିରାମୟ କେନ୍ଦ୍ରରେ ମିଳୁନି ଅର୍ଥୋପେଡିକ୍ ଔଷଧ

କଟକ,୧୨।୧(ଶିଳ୍ପା ପ୍ରିୟଦର୍ଶିନୀ)

**ଏସ୍‌ସିବି ମେଡିକାଲ**

ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଇ ମେଡିକାଲର ଭିତ୍ତିଭୂମି ସୁଦୃଢ଼ କରୁଛନ୍ତି। ଏଥିସହ ମେଡିକାଲରେ ନିରାମୟ କେନ୍ଦ୍ର ଜରିଆରେ ରୋଗୀଙ୍କୁ ମାଗଣାରେ ଉନ୍ନତମାନର ଔଷଧ ଯୋଗାଇ ଦେଉଛନ୍ତି। ହେଲେ ଏସ୍‌ସିବି ମେଡିକାଲର ନିରାମୟ କେନ୍ଦ୍ରରେ ଦୀର୍ଘଦିନ ହେବ ଅର୍ଥୋପେଡିକ ବିଭାଗର ପ୍ରାୟ ଔଷଧ ମିଳୁ ନ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲ ପରିସରରେ ୬ଟି ନିରାମୟ କେନ୍ଦ୍ର ରହିଛି। ହେଲେ କୌଣସି ଗୋଟିଏ ବି କେନ୍ଦ୍ରରେ ଉକ୍ତ ବିଭାଗର ଔଷଧ ନାହିଁ। ଫଳରେ ୨ ଦିନ ହେବ ରୋଗୀମାନେ ନିରାଶ ହୋଇ ଫେରୁଛନ୍ତି। ମେଡିକାଲକୁ ଢେଙ୍କାନାଳରୁ ଆସିଥିବା ଜଣେ ରୋଗୀଙ୍କ ସମ୍ପର୍କୀୟ ଲିଟନ ମହାରଣା କହିଛନ୍ତି, ଏସ୍‌ସିବିରେ ୨ ଦିନ ତଳେ ଡାକ୍ତର ଦେଖାଇବା ପରେ ଔଷଧ ପାଇଁ ନିରାମୟ କେନ୍ଦ୍ରକୁ ଯାଇଥିଲି। ହେଲେ ସେଠାରେ ଗୋଟିଏ ଔଷଧ ମିଳିଲେ ଅନ୍ୟ ଔଷଧ ନାହିଁ। ଏଥିପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ତୁରନ୍ତ ମେଡିକାଲ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି। ଏନେଇ ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷା ପ୍ରଫେସର ଡା. ଲୁସି ଦାସଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ୨୨ ଭାରତୀୟ ଭାଷାର ଯୁବ ଲେଖକ ପୁରସ୍କୃତ

ଭୁବନେଶ୍ୱର,୧୨।୧(ସୁଚିସ୍ମିତା ସାହୁ)

**କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ସମାରୋହ**

**ଓଡ଼ିଆରେ ସଞ୍ଜୟ କୁମାର ପଣ୍ଡା ପାଇଲେ ପୁରସ୍କାର**

କେନ୍ଦ୍ର ସାହିତ୍ୟ ଏକାଡେମୀର ଯୁବ ପୁରସ୍କାର ସମାରୋହ ଉତ୍କଳ ବିଶ୍ୱବିଦ୍ୟାଳୟର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରେକ୍ଷାଳୟଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ୨୨ଟି ଭାରତୀୟ ଭାଷାର ଯୁବ ଲେଖକଙ୍କୁ ୨୦୨୪ ବର୍ଷର ଯୁବ ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଆରେ ସଞ୍ଜୟ କୁମାର ପଣ୍ଡା ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପାଇଥିବାବେଳେ ଅନ୍ୟମାନେ ହେଲେ ନୟନଜ୍ୟୋତି ଶର୍ମା (ଅହମିଆ), ସୁତପା ଚକ୍ରବର୍ତ୍ତୀ (ବଙ୍ଗଳା), ସେଲ୍ଲ ମେଦ୍ ରାଣୀ ବୋଡ଼ୋ (ବୋଡ଼ୋ), ହୀନା ଚୌଧୁରୀ (ଡୋଗ୍ରୀ), କେ. ବୈଶାଳୀ (ଇଂଲିଶ), ରିଙ୍କୁ ଭଜେସିଂହ ରାଠୋଡ଼ (ଗୁଜରାଟୀ), ଗୌରବ ପାଣ୍ଡେ (ହିନ୍ଦୀ), ଶ୍ରୁତି ବି.ଆର୍. (କନ୍ନଡ଼), ଅଦ୍ୱୈତ ସାଲଗାଓଁକର (କୋଙ୍କଣୀ), ରିଙ୍କି ଝା ରିଷିକା (ମୈଥିଳି), ଶ୍ୟାମକ୍ରିଷ୍ଣନ ଆର୍ (ମାଲୟାଲମ), ୱାଇଖୋମ ଚିଙ୍ଗଖେଙ୍ଗନବା (ମଣିପୁରୀ), ଦେବୀଦାସ ସୌଦାଗର (ମରାଠୀ), ସୁରଜ ଚାପାଗାଇଁ (ନେପାଳୀ), ରଣଧୀର (ପଞ୍ଜାବୀ), ସୋନାଲି ସୁଥର (ରାଜସ୍ଥାନୀ), ଅଞ୍ଜନ କର୍ମକାର (ସାନ୍ତାଳୀ), ଗୀତା ପ୍ରଦୀପ ରୁପାନି (ସିନ୍ଧି), ଲୋକେଶ ରଘୁରମଣ (ତାମିଲ), ରମେଶ କାର୍ତ୍ତିକ ନାୟକ (ତେଲୁଗୁ) ଏବଂ ମୋହମ୍ମଦ ଜାଭେଦ ଅହମଦ (ଉର୍ଦ୍ଦୁ)। ଏକାଡେମୀ ସଭାପତି ଡ. ମାଧବ କୌଶିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଇଂଲିଶ କବି ଜେରି ପିଣ୍ଟୋ, ଏକାଡେମୀ ସଚିବ ଡକ୍ଟର କେ. ଶ୍ରୀନିବାସ ରାଓ ଏବଂ ଉପସଭାପତି ପ୍ରଫେସର କୁମୁଦ ଶର୍ମା ଯୋଗଦେଇ ପ୍ରତ୍ୟେକଙ୍କୁ ପୁରସ୍କାର ସ୍ୱରୂପ ୫୦ ହଜାର ଟଙ୍କାର ଅର୍ଥରାଶି ସହିତ ତାମ୍ରଫଳକ ପ୍ରଦାନ କରିଥିଲେ। ମହମ୍ମଦ ଆଶ୍ରଫ ଭଟ୍ଟ (କଶ୍ମୀରୀ) ଓ ମୁନି ପାର୍ଶ୍ୱସୁନ୍ଦର ବିଜୟଜୀ (ସଂସ୍କୃତ) ଅନୁପସ୍ଥିତ ଥିଲେ। ୧୩ ତାରିଖ ପୂର୍ବାହ୍ନ ୧୦ଟା ୩୦ରେ ଭୁବନେଶ୍ୱରର ବୁଦ୍ଧ ମନ୍ଦିରସ୍ଥିତ ସଭାଗୃହରେ ଯୁବ ପୁରସ୍କାର ପ୍ରାପକ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ପୁରସ୍କାର ଗ୍ରହଣ କରିଥିବା ଯୁବ ଲେଖକ ଲେଖିକାମାନେ ନିଜ ସାରସ୍ୱତ ଅନୁଭୂତି ବାଣ୍ଟିବେ। ଏହି ସମ୍ମିଳନୀରେ ସାହିତ୍ୟ ଏକାଡେମୀ ଉପସଭାପତି ପ୍ରଫେସର କୁମୁଦ ଶର୍ମା ଅଧ୍ୟକ୍ଷତା କରିବେ ବୋଲି ସୂଚନା ଦିଆଯାଇଛି।

# ନୃତ୍ୟଗୁରୁ ଜ୍ୟୋତି ରାଉତଙ୍କୁ ଗୁରୁ ରଘୁନାଥ ଦତ୍ତ ସମ୍ମାନ

କଟକ,୧୨।୧(ଶିଳ୍ପା ପ୍ରିୟଦର୍ଶିନୀ)

ସୁରମନ୍ଦିର ନୃତ୍ୟାନୁଷ୍ଠାନ ଓ କଳାବିକାଶ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ୧୩ତମ ‘ଗୁରୁ ସ୍ମରଣେ- ୨୦୨୫’ କାର୍ଯ୍ୟକ୍ରମ କଳାବିକାଶ କେନ୍ଦ୍ରରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଗୁରୁ ପଣ୍ଡିତ ଏ. ମହେଶ୍ୱର ରାଓ, ଚଣ୍ଡୀ ପରିଜା ଓ କେନ୍ଦ୍ରର ମ୍ୟାନେଜିଂ ଟ୍ରଷ୍ଟି ଶିକ୍ଷାବିତ୍ ରବୀନ୍ଦ୍ରନାଥ ମହାନ୍ତି ଯୋଗଦେଇଥିଲେ। ବିଶ୍ୱ ଦରବାରରେ ଓଡ଼ିଶୀ ନୃତ୍ୟକୁ ନେଇ ଓଡ଼ିଶା ଏକ ଭିନ୍ନ ପରିଚୟ ସୃଷ୍ଟି କରିପାରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟଗୁରୁ ଜ୍ୟୋତି ରାଉତଙ୍କୁ ଗୁରୁ ରଘୁନାଥ ଦତ୍ତ ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦିକା ଗୁରୁ ଡ. ଜ୍ୟୋତ୍ସ୍ନାରାଣୀ ସାହୁଙ୍କ ନିର୍ଦ୍ଦେଶନାରେ ୨୦ଜଣ ଶିଶୁଶିଳ୍ପୀ ଗୁରୁବନ୍ଦନା ପରିବେଷଣ କରିଥିଲେ। ଚିନ୍ମୟ ଦାସ ଓ ମୟୂରୀ ସାମଲଙ୍କ ନାଦ ନିନାଦ ତାଳବାଦ୍ୟର ଯୁଗଳବନ୍ଦୀ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ରାଧାମୋହନ ସାହୁ ଧନ୍ୟବାଦ ଦେଇଥିଲେ। ଡ. ଶ୍ରୀନିବାସ ଘଟୁଆରୀ, ଜ୍ୟୋତିରଞ୍ଜନ ଦାସ ଓ କାଜଲ ପାଣିଗ୍ରାହୀଙ୍କ ଏକକ ଓଡ଼ିଶୀ ନୃତ୍ୟ ଏବଂ କଳାବିକାଶ କେନ୍ଦ୍ରର ପରଫର୍ମିଙ୍ଗ ଆର୍ଟ ଗ୍ରୁପ୍ ଶିକ୍ଷାର୍ଥୀଙ୍କ ଦଳଗତ ନୃତ୍ୟକୁ ଦର୍ଶକ ଉପଭୋଗ କରିଥିଲେ।


କାର୍ଯ୍ୟକ୍ରମରେ ନୃତ୍ୟଗୁରୁ ଜ୍ୟୋତି ରାଉତଙ୍କୁ ଗୁରୁ ରଘୁନାଥ ଦତ୍ତ ସମ୍ମାନ ପ୍ରଦାନ କରାଯାଉଛି।

## ବରଗଡ଼ା ଗ୍ରାମରେ ଅଷ୍ଟପ୍ରହର

ଯୋଗେଶ୍ୱରପୁର,(ରଶ୍ମିରଞ୍ଜନ ସାହୁ)- ନୟାହାଟ ଫାଣ୍ଡି ଅଧୀନ ଜଙ୍ଗଲବୋରି ପଞ୍ଚାୟତର ବରଗଡ଼ା ଗ୍ରାମରେ ଜାଗେଶ୍ୱରୀ ଠାକୁରାଣୀଙ୍କ ଦ୍ୱିତୀୟ ବାର୍ଷିକ ଅଷ୍ଟପ୍ରହର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠ ମେଳ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲା। ଭକ୍ତମାନେ ଠାକୁରାଣୀଙ୍କ ଦର୍ଶନ କରିବା ସହ ହରିନାମରେ ସଂକୀର୍ତ୍ତନ ଶୁଣି ପ୍ରସାଦସେବନ କରିଥିଲେ।

# ଫେବୃଆରୀରେ ପୁରୀରେ ହେବ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

ପୁରୀ,୧୨।୧(ଅଜିତ୍ କୁମାର ମହାନ୍ତି)

ଚଳିତବର୍ଷ ଲିଜେଣ୍ଡ ମସ୍‌ଲର୍ସ ଫାକ୍‌ଟୋରୀ ଓ ପୁରୀ ଆମେଚର ବଡି ବିଲ୍ଡିଂ ଆସୋସିଏଶନ୍‌ର ମିଳିତ ଆନୁକୂଲ୍ୟରେ ରବିବାର ଇଭେଣ୍ଟ କ୍ୟାଲେଣ୍ଡରର ଶୁଭ ଉଦଘାଟନ ହୋଇଛି। ଏହି କ୍ୟାଲେଣ୍ଡରରେ ମୋଟ ୧୯ଟି ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା ହେବ ବୋଲି ସୂଚନା ଦିଆଯାଇଛି। ତନ୍ମଧ୍ୟରେ ୬ଟି ଅନ୍ତର୍ଜାତୀୟ, ୩ଟି ଜାତୀୟ ଓ ୧୦ଟି ଆନ୍ତଃଜିଲା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜାନୁଆରୀ ୩ ଓ ୪ରେ କୋଲକାତାରେ ଆଜାଦ ହିନ୍ଦ୍ କପ୍ ଟୁର୍ନାମେଣ୍ଟ ଆୟୋଜିତ ହୋଇସାରିଥିବାବେଳେ ଆସନ୍ତା ୧୯ରେ ବଲାଙ୍ଗୀରରେ କଳିଙ୍ଗ କିଙ୍ଗ୍ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ହେବ। ଫେବୃଆରୀ ୮ ଓ ୯ ଦୁଇଦିନ ଧରି ଶ୍ରୀକ୍ଷେତ୍ରରେ ୟୁନିଭର୍ସାଲ ଲିଜେଣ୍ଡ କ୍ଲାସିକ-୨୦୨୫ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଆୟୋଜନ କରାଯିବ। ସେଥିରେ ଓଡ଼ିଶା ସମେତ ୨୫ଟି ରାଜ୍ୟରୁ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗନେବା ସହ ବିଭିନ୍ନ ରାଜ୍ୟ ଓ ରାଜ୍ୟ ବାହାରୁ ୧୦୦ରୁ ଊର୍ଦ୍ଧ୍ୱ ଅଫିସିଆଲ ଯୋଗଦେବେ। ଚଳିତବର୍ଷ ଏଥିରେ ମନୋରଞ୍ଜନ କାର୍ଯ୍ୟକ୍ରମ ସହ ଭବ୍ୟ ଭାବେ ଆୟୋଜନ ପାଇଁ ପ୍ରୟାସ ଚାଲିଛି। ସେହିପରି ଜୁନରେ ଫ୍ରାନ୍ସରେ ୱାର୍ଲ୍ଡ ଚାମ୍ପିୟନଶିପ୍, ଅଗଷ୍ଟରେ ଜାପାନରେ ଏସିଆ ପାସିଫିକ୍, ଅକ୍ଟୋବରରେ ମାଲେସିଆରେ ମିସ୍ ଓ ମିଷ୍ଟର ୟୁନିଭର୍ସ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏନେଇ ଅନୁଷ୍ଠାନର ମୁଖ୍ୟ ତଥା ୱାର୍ଲଡ ଫିଟନେସ୍ ଫେଡେରେଶନ ଓଡ଼ିଶାର ସଭାପତି ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଉପସଭାପତି ସଞ୍ଜୀବ ରଥଶର୍ମା, ସାଧାରଣ ସମ୍ପାଦକ ସନ୍ତୋଷ ଆଢ୍ୟ, ସଦସ୍ୟ ଶିଶିର ମିଶ୍ର, ଭବାନୀ ଶଙ୍କର, ଦେବ ସିଂ ଦେବ, ରୂପକ ଭକ୍ତ, ସୁଜିତ ବଡ଼ତ୍ୟା, ସ୍ୱାଧୀନ ଷଡ଼ଙ୍ଗୀ, ବିକ୍ରମ କୁଅଁର, ବିଧାନ ଦାସ, ଭବାନୀ ଦାସ ଉପସ୍ଥିତ ଥିଲେ।

# ଟ୍ରାଫିକ ସମସ୍ୟା: ଘଣ୍ଟାଏ ଅଟକିଲା ଆମ୍ବୁଲାନ୍ସ

ଯୋଗେଶ୍ୱରପୁର,୧୨।୧(ରଶ୍ମିରଞ୍ଜନ ସାହୁ)

ନୟାହାଟ ଏକ ଜନଗହଳି ପୂର୍ଣ୍ଣ ବଜାର ହୋଇଥିବାବେଳେ ଦୈନିକ ଏହି ବଜାର ଦେଇ ୬ ବ୍ଲକ, ୩ ଜିଲାର ଲୋକେ ଯାଆସ କରିଥାନ୍ତି। ପ୍ରତି ବୁଧବାର ଓ ରବିବାର ହାଟ ଥିବାବେଳେ ସକାଳ ଓ ସନ୍ଧ୍ୟାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥାଏ। ଫଳରେ ଉକ୍ତ ସମସ୍ୟାକୁ ଏଡ଼ାଇବାକୁ ଘଣ୍ଟା ଘଣ୍ଟା ସମୟ ଲାଗିଥାଏ। ରବିବାର ସନ୍ଧ୍ୟାରେ ଟ୍ରାଫିକ ସମସ୍ୟା ଯୋଗୁ ସିଙ୍ଗପାନିଆ ଗ୍ରାମଠାରୁ ନୟାହାଟ ଫାଣ୍ଡି ପ୍ରାୟ ୧ କି.ମି. ପର୍ଯ୍ୟନ୍ତ ଅନେକ ଗାଡ଼ି



ଅଟକି ରହିଥିବାବେଳେ ଆମ୍ବୁଲାନ୍ସ ମଧ୍ୟ ଫସି ରହିଥିଲା। ଖବର ପାଇ ନୟାହାଟ ଫାଣ୍ଡି ଅଧିକାରୀ ଅଶୋକ ବେହେରା ପୋଲିସ ମୁତୟନ କରି ଟ୍ରାଫିକ ସମସ୍ୟା ଦୂର କରିଥିଲେ। ଏଠି ପୂର୍ତ୍ତ ବିଭାଗର ୨ ପାର୍ଶ୍ୱରେ ଜାଗା ଥିବାବେଳେ ତାହା ଜବରଦଖଲ କବଳରେ ରହିଛି। ଜବରଦଖଲ ଉଚ୍ଛେଦ ନ ହେବା ଫଳରେ ହାଟ ବାରିଗୁଡ଼ିକରେ ରାସ୍ତା ଜାମ ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ମୁଖ୍ୟ କାରଣ ବୋଲି କୁହାଯାଉଛି। ସବୁଦିନ ସନ୍ଧ୍ୟାରେ ଟ୍ରାଫିକ ସମସ୍ୟା ଲାଗି ରହିବା ଫଳରେ ଯାତାୟାତ କଷ୍ଟକର ହୋଇପଡୁଛି। ଏ ଦିଗରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇ ଜବରଦଖଲ ହଟାଇବାକୁ ପୁରୀ ଜିଲାପାଳ ଦୃଷ୍ଟି ଦେବାକୁ ବରିଷ୍ଠ ନାଗରିକ ମଞ୍ଚ ଦାବି କରିଛି।

# ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ

ପୁରୀ,୧୨।୧(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହୋଇଛି। ଏହାକୁ ନେଇ ଜଗନ୍ନାଥପ୍ରେମୀ ଅସନ୍ତୋଷ ପ୍ରକାଶ କରିବା ସହ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି। ଜଣେ ଯୁବକ ଶ୍ରୀମନ୍ଦିର ଭିତରେ ଫଟୋ ଉଠାଇ ସୋସିଆଲ ମିଡିଆ ଫେସବୁକ୍‌ରେ ଅପ୍‌ଲୋଡ୍ କରିଛନ୍ତି, ଯାହା ଭାଇରାଲ ହେବାରେ ଲାଗିଛି। ସମ୍ପୃକ୍ତ ଯୁବକ ଗୌରବ କୁମାର ସାହୁ ବୋଲି ସୂଚନା ମିଳିଛି। ରବିବାର ଏହି ଘଟଣା ସାମ୍ନାକୁ ଆସିଛି। ଯୁବକ ଜଣକ ଶ୍ରୀମନ୍ଦିର ଭିତରବେଢ଼ା କୀର୍ତ୍ତନ ମଣ୍ଡପଠାରେ ଫଟୋ ଉଠାଇଥିବା ଜଣାପଡ଼ିଛି। ଫଟୋରେ ଶ୍ରୀମନ୍ଦିର ସମେତ ଭିତରବେଢ଼ା, ଗାରଦ, ଜଗମୋହନ ଓ କିଛି ପାର୍ଶ୍ୱଦେବଦେବୀ ମନ୍ଦିର ଦୃଶ୍ୟମାନ ହେଉଛି। ଫଟୋଟି ସନ୍ଧ୍ୟା ସମୟରେ ଉଠାଯାଇଥିବା ଅନୁମାନ କରାଯାଉଛି। ଶ୍ରୀମନ୍ଦିର ଭିତରେ ଓ ବାହାରେ କଡ଼ା ସୁରକ୍ଷା ଏବଂ ଯାଞ୍ଚ ବ୍ୟବସ୍ଥା ସତ୍ତ୍ୱେ ତଥା ସିସିଟିଭି କ୍ୟାମେରା ଲାଗିଥିବାବେଳେ ସମ୍ପୃକ୍ତ ଯୁବକ କିପରି ମୋବାଇଲ ଫୋନ୍ ବା କ୍ୟାମେରା ନେଇ ଭିତରକୁ ଗଲେ ଓ ଫଟୋ ଉଠାଇଲେ ତାହା ସାଧାରଣରେ ପ୍ରଶ୍ନ ପାଲଟିଛି। କିଛିଦିନ ତଳେ ଶ୍ରୀମନ୍ଦିର ଉପରେ ଏକ ଡ୍ରୋନ ଉଡ଼ିବାକୁ ଦେଖିବାକୁ ମିଳିଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏପର୍ଯ୍ୟନ୍ତ ପୋଲିସ ଧରିପାରିନାହିଁ। ଏଥିରୁ ପୋଲିସର ପାରିବାର ପଣିଆ ଜଣାପଡୁଛି।




ମହାକୁମ୍ଭ ମେଳା ପାଇଁ ବସ୍‌ଯାତ୍ରା ଶୁଭାରମ୍ଭ ଅବସରରେ ପୁରୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ପି ସମ୍ବିତ ପାତ୍ର, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଏସ୍‌ପି ବିନୀତ ଅଗ୍ରୱାଲ। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ପୁରସ୍କାର ବିତରଣ, ପ୍ରତିଭା ପ୍ରୋତ୍ସାହନ ଉତ୍ସବ

ପୁରୀ,୧୨।୧(ଅଜିତ୍ କୁମାର ମହାନ୍ତି)

ବିଶ୍ୱମ୍ଭର ବିଦ୍ୟାପୀଠ ପ୍ରାଇଜ୍ ମେମୋରିଆଲ ଟ୍ରଷ୍ଟର ୨୪ତମ ପୁରସ୍କାର ବିତରଣ ତଥା ପ୍ରତିଭା ପ୍ରୋତ୍ସାହନ ଉତ୍ସବ ଶନିବାର ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଶୁଭେଚ୍ଛୁ ତଥା ବଦାନ୍ୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ପ୍ରଦତ୍ତ ୩୮ ଲକ୍ଷ ୫୦ ହଜାର ଟଙ୍କା ମୂଳ ଜମାରାଶିରୁ ମିଳିଥିବା ସୁଧ ଦୁଇ ଲକ୍ଷ ଟଙ୍କାକୁ ଗରିବ ଓ ମେଧାବୀ ଛାତ୍ରୀଛାତ୍ର ଏବଂ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ନଗଦ ଅର୍ଥ ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଛି। ଉତ୍ସବରେ ଟ୍ରଷ୍ଟ ସଭାପତି ତଥା ପ୍ରତିଷ୍ଠାତା ରଘୁନାଥ ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ଇଞ୍ଜିନିୟର ଇନ୍ ଚିଫ୍ ବିଜୟ ଚନ୍ଦ୍ର ତ୍ରିପାଠୀ, ନାଲକୋ ହସ୍ପିଟାଲ ଜେନେରାଲ ମ୍ୟାନେଜର ଡ. ଅମରଜିତ୍ ମହାନ୍ତି, ଆଟମିକ୍ ଏନର୍ଜିର ବୈଜ୍ଞାନିକ ଡ. ହୃଦାନନ୍ଦ



ଅତିଥିଙ୍କ ଗହଣରେ ପୁରସ୍କୃତ କୃତୀ ଛାତ୍ରୀଛାତ୍ର।

ଜେନା, ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ତଥା ଟ୍ରଷ୍ଟ ସମ୍ପାଦକ ଶୁଭଶ୍ରୀ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ମଧୁସ୍ମିତା ସାହୁ (ନବମ)ଙ୍କୁ 'ବିଶ୍ୱମ୍ଭର ଶ୍ରୀ, ବିଷ୍ଣୁ ଦାଶ (ଦଶମ)ଙ୍କୁ 'ଛାତ୍ର ରତ୍ନ', ସ୍ନେହା ସାହୁ (ନବମ)ଙ୍କୁ କନ୍ୟା ରତ୍ନ, ଅର୍ପିତା ପ୍ରିୟଦର୍ଶିନୀ (ସପ୍ତମ)ଙ୍କୁ 'ସୁକନ୍ୟା', ଆରାଧନା ସାହୁ (ଦଶମ)ଙ୍କୁ 'ବିଜ୍ଞାନ ଶ୍ରୀ' ଉପାଧିରେ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ଟ୍ରଷ୍ଟ ସଭ୍ୟ ବସନ୍ତ ମିଶ୍ର, ଧ୍ରୁବ ଚରଣ କର, ଗିରିଶ ଚନ୍ଦ୍ର ନାୟକ, ରମେଶ ଚନ୍ଦ୍ର ବଳିୟାରସିଂ, ଚନ୍ଦ୍ରଶେଖର ମିଶ୍ର, ବିଜୟଲକ୍ଷ୍ମୀ ଦାଶ, ବିଭୁଦାନନ୍ଦ ମହାନ୍ତି, ରମାବଲ୍ଲଭ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ରାୟଗୁରୁ, ସ୍ମିତା ବାନାର୍ଜୀ, ରଶ୍ମିରଞ୍ଜନ ମହାନ୍ତି, ଶୁଭେନ୍ଦୁ ଦାଶ, ଅଶୋକ ଦାସ, ସୁଜିତ୍ ଦାସ ଓ ପଣ୍ଡିତ ସତ୍ୟନାରାୟଣ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ସୁରେଶ ଚନ୍ଦ୍ର ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ଟ୍ରଷ୍ଟ ସଭ୍ୟ ଦିବାକର ଦଳାଇ ଧନ୍ୟବାଦ ଦେଇଥିଲେ।

# ଜାତୀୟ ଯୁବ ଦିବସ ପାଳିତ

ପୁରୀ,୧୨।୧(ଅଜିତ୍ କୁମାର ମହାନ୍ତି)

ଭାରତ ବିକାଶ ପରିଷଦ ପକ୍ଷରୁ ରବିବାର ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ସମୁଦ୍ରକୂଳ ଦିଗ୍‌ବାରିଣୀସ୍ଥିତ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଶରତ ଚନ୍ଦ୍ର ବେହେରା ଓ ମୁଖ୍ୟ ବକ୍ତା ଭାବେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦେଇ ବିବେକାନନ୍ଦଙ୍କ ଆଦର୍ଶରେ ଯୁବସମାଜ ଅନୁପ୍ରାଣିତ ହେବା ଉଚିତ ବୋଲି କହିଥିଲେ। ଭାରତ ବିକାଶ ପରିଷଦର ସାଧାରଣ ସମ୍ପାଦକ ସନ୍ତୋଷ କୁମାର ମହାନ୍ତି ,ଉପାଧ୍ୟକ୍ଷ ବୁଦ୍ଧଦେବ ମହାପାତ୍ର, କ୍ଷେତ୍ରୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ପଦ୍ମନାଭ ପଣ୍ଡା, ସୁପ୍ରୀତି ରଥ, ମୀରା ମହାରଣା, କିଶୋର ପାତ୍ର, କିଶୋର ପଟ୍ଟନାୟକ, ପିତାମ୍ବର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରାନ୍ତୀୟ ସଚିବ ସୌମେନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ। ପ୍ରାତଃରେ ପରିଷଦ ପକ୍ଷରୁ ବେଳାଭୂମି ସଫେଇ କରାଯାଇଥିଲା। ଏଥିରେ ବେଦ କର୍ମକାଣ୍ଡ ବିଦ୍ୟାଳୟର ଛାତ୍ରୀଛାତ୍ର, ସ୍ୱଦେଶୀ ଜାଗରଣ ମଞ୍ଚ ଏବଂ ଅନ୍ୟାନ୍ୟ ସଙ୍ଗଠନର ସଦସ୍ୟ ସାମିଲ ହୋଇଥିଲେ।

# ଗଛରେ ବାଇକ୍ ପିଟିହୋଇ ଜଣେ ମୃତ, ଜଣେ ଗୁରୁତର

କାକଟପୁର,୧୨।୧(ଶୁଭଦର୍ଶନ ମିଶ୍ର)

କାକଟପୁର-ବାଲିଦୋକାନ ରାସ୍ତାର ସୁଆରଛକଠାରେ ରବିବାର ଏକ ଦୁର୍ଘଟଣା ଘଟିଛି। ରାସ୍ତାପାର୍ଶ୍ୱ ଗଛରେ ବାଇକ୍ ପିଟି ହୋଇଯିବାରୁ ଜଣଙ୍କର ଜୀବନ ଯାଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ସୂଚନା ମୁତାବକ, ଚାରିଛକ ବନମାଳୀପୁର ଅଞ୍ଚଳର କେତେଜଣ ଯୁବକ ବାଇକ ଯୋଗେ କୋଣାର୍କ ବୁଲିବାକୁ ଯାଇଥିଲେ। ସେମାନେ କାକଟପୁର ଆନନ୍ଦବଜାର ଦେଇ ଫେରୁଥିଲେ। ସୁଆର ଛକଠାରେ ଏକ ଗଛରେ ଗୋଟିଏ ବାଇକ୍ ଭାରସାମ୍ୟ ହରାଇ ପିଟିହୋଇଯାଇଥିଲା। ଏହି ବାଇକ୍‌ରେ ବସିଥିବା ୨ଜଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡୁଗୁଲି କାଣ୍ଡି (୧୮)ଙ୍କ ମୃତ୍ୟୁ ହୋଇଯାଇଥିଲା। ଆହତ ଜିତୁ ଦାସ (୨୨)ଙ୍କୁ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

DSPL-318

omfed
राष्ट्रीय डेरी विकास बोर्ड
NDDB DAIRY SERVICES
Giftmilk
सत्यमेव जयते
पशुपालन और डेयरी विभाग
मत्स्यपालन, पशुपालन और डेयरी मंत्रालय,
भारत सरकार





ଗୋ-ସମାବେଶ, ଓମଫେଡ଼କୁ ବିପଣନ ସହାୟତା ଏବଂ ଗିଫ୍ଟମିଲ୍କ କାର୍ଯ୍ୟକ୍ରମ

- ମୟୂରଭଞ୍ଜର ୩୦୦୦ ଚାଷୀଙ୍କୁ ଦୁଧିଆଳୀ ଗାଈ ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ
- ମୟୂରଭଞ୍ଜର ୧୯ ଗୋଟି ବିଦ୍ୟାଳୟରେ ଗିଫ୍ଟମିଲ୍କ କାର୍ଯ୍ୟକ୍ରମର ଶୁଭାରମ୍ଭ
- ରାଷ୍ଟ୍ରୀୟ ଡ଼ାଏରୀ ବିକାଶ ବୋର୍ଡ ଦ୍ୱାରା ଓମଫେଡ଼କୁ ବିପଣନ ସହାୟତା ପ୍ରଦାନ

ମୁଖ୍ୟ ଅତିଥି
ଶ୍ରୀମତୀ ଦ୍ରୌପଦୀ ମୁର୍ମୁ
ମାନନୀୟ ରାଷ୍ଟ୍ରପତି, ଭାରତ

ଗରିମାମୟ ଉପସ୍ଥିତି

ଶ୍ରୀ ମୋହନ ଚରଣ ମାଝୀ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ
ମାନ୍ୟବର ଶିକ୍ଷା ମନ୍ତ୍ରୀ, ଭାରତ ସରକାର

ଶ୍ରୀ ରାଜୀବ ରଞ୍ଜନ ସିଂହ ଓରଫ ଲଲନ ସିଂହ
ମାନ୍ୟବର ମତ୍ସ୍ୟ, ପ୍ରାଣିପାଳନ ଓ ଡ଼ାଏରୀ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ, ଭାରତ ସରକାର

ପ୍ରଫେସର ଏସ୍.ପି.ସିଂହ ବଘେଲ
ମାନ୍ୟବର ମତ୍ସ୍ୟ, ପ୍ରାଣିପାଳନ ଓ ଡ଼ାଏରୀ ଏବଂ ପଞ୍ଚାୟତିରାଜ ରାଷ୍ଟ୍ରମନ୍ତ୍ରୀ, ଭାରତ ସରକାର

ଶ୍ରୀ ଗଣେଶ ରାମ ସିଂହଖୁଣ୍ଟିଆ
ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ, ନିଯୁକ୍ତି ଓ କର୍ମଚାରୀ ରାଜ୍ୟ ବୀମା, ଓଡ଼ିଶା ସରକାର

ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ
ମାନ୍ୟବର ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଓଡ଼ିଶା ସରକାର

୧୩ ଜାନୁଆରୀ ୨୦୨୫ | ରାଇରଙ୍ଗପୁର, ମୟୂରଭଞ୍ଜ

OIPR-06014/13/0024/2425

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର
Follow us farddepartment farddepartment farddepartment @farddepartment

# ସହଦେବ ହତ୍ୟାକାରୀଙ୍କୁ ଫାଶୀ ଦିଆଯାଉ

## ଲୋକଙ୍କ ଭିଡିଓ ପାଇଁ ପୋଲିସ ଧରିଲା

■ଫେରାର ଅଭିଯୁକ୍ତ ସୁଶାନ୍ତ ହେଉଛନ୍ତି ଲକ୍ଷ୍ମୀଧରଙ୍କ ଭଣଜା

ଭୁବନେଶ୍ୱର,୧୨।୧(ସୂର୍ଯ୍ୟକାନ୍ତ ବେହେରା)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରସୁଲଗଡ ରେଳ ଓଭରବ୍ରିଜ ଉପରେ ଗତ ୮ ତାରିଖରେ ପୂର୍ବତନ ପୋଲିସ ମିତ୍ର ତଥା ସଫେଇ କର୍ମଚାରୀ ସଂଘର ସଭାପତିଙ୍କୁ ବୀଭତ୍ସ ହତ୍ୟା ଘଟଣାରେ ପୋଲିସ ୫ଜଣଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ସେମାନେ ହେଲେ ଲକ୍ଷ୍ମୀଧର ନାୟକ ଓ ତାଙ୍କ ସ୍ତ୍ରୀ ଲିପିକା ନାୟକ, ରାକେଶ ନାୟକ ଓ ସ୍ତ୍ରୀ ଲକ୍ଷ୍ମୀ ନାୟକ ଏବଂ ସହଯୋଗୀ ରକି ନାୟକ। ତେବେ ଫେରାର ଥିବା ଅନ୍ୟତମ ଅଭିଯୁକ୍ତ ସୁଶାନ୍ତ ନାୟକ ଓ ରମା ନାୟକଙ୍କୁ ଶୀଘ୍ର ଗିରଫ କରି ସମସ୍ତ ଅଭିଯୁକ୍ତଙ୍କୁ ଫାସୀ ଦେବାକୁ ମୃତକଙ୍କ ପରିବାର ଲୋକଙ୍କ ସହ ଜେନା ଓ ସାଧାରଣ ଜନତା ଦାବି କରୁଛନ୍ତି। ଏପଟେ ଫେରାର ଥିବା ଅଭିଯୁକ୍ତ ସୁଶାନ୍ତ ନାୟକ ଲକ୍ଷ୍ମୀଧରଙ୍କ ଭଣଜା ବୋଲି ପୋଲିସ ଜାଣିବାକୁ ପାଇଛି। ଲକ୍ଷ୍ମୀଧରଙ୍କ ସ୍ତ୍ରୀ ଲିପିକା ଜେଲରୁ ବାହାରି ଅନ୍ୟ ଦୁଇ ସହଯୋଗୀଙ୍କ ସହ ଭଣଜା ସୁଶାନ୍ତଙ୍କ ଘରକୁ ଯାଇ ଯୋଜନା କରିଥିଲେ। ତେଣୁ ସୁଶାନ୍ତ ଧରିପଡିବା ପରେ ପୋଲିସକୁ ଆଉ କିଛି ନୂଆ ତଥ୍ୟ ମିଳିବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ପୋଲିସ ପ୍ରମାଣ ସଂଗ୍ରହ କରୁଛି। ସଂଗୃହୀତ ରକ୍ତ ନମୁନା, ଜବତ ମାରଣାସ୍ତ୍ର, ରକ୍ତ ଭିଝା ପୋଷାକକୁ ରାଜ୍ୟ ଫରେନସିକ ସାଇନ୍ସ ଲାବରେଟୋରିକୁ ପଠାଇଛି। ଏ କ୍ଷେତ୍ରରେ ଘଟଣା ସମୟରେ ଲୋକଙ୍କ ଭିଡିଓ ଗ୍ରାଫ ମଧ୍ୟ ବହୁ ସହାୟକ ହେବ। ସେହିପରି ହତ୍ୟା ପୂର୍ବରୁ ସହଦେବଙ୍କୁ ଅଭିଯୁକ୍ତମାନେ ପିଛା କରୁଥିବାର ବହୁ ସିସିଟିଭି ଫୁଟେଜ ସଂଗ୍ରହ କରାଯାଇଛି। ଘଟଣା ସମୟରେ ନିଜ ମୋବାଇଲରେ ଭିଡିଓ ଉତ୍ତୋଳନ କରିଥିବା ଲୋକଙ୍କ ପାଇଁ ପୋଲିସ ଅଭିଯୁକ୍ତଙ୍କୁ ଧରିଥିବା କୁହାଯାଉଛି।

# ୨୨ ଭାରତୀୟ ଭାଷାର ଯୁବ ଲେଖକ ପୁରସ୍କୃତ




## କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ସମାରୋହ

■ଓଡ଼ିଆରେ ସଞ୍ଜୟ କୁମାର ପଣ୍ଡା ପାଇଲେ ପୁରସ୍କାର

ଭୁବନେଶ୍ୱର,୧୨।୧(ସୁଚିସ୍ମିତା ସାହୁ)

କେନ୍ଦ୍ର ସାହିତ୍ୟ ଏକାଡେମୀର ଯୁବ ପୁରସ୍କାର ସମାରୋହ ଉତ୍କଳ ବିଶ୍ୱବିଦ୍ୟାଳୟର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରେକ୍ଷାଳୟଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ୨୨ଟି ଭାରତୀୟ ଭାଷାର ଯୁବ ଲେଖକଙ୍କୁ ୨୦୨୪ ବର୍ଷର ଯୁବ ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଆରେ ସଞ୍ଜୟ କୁମାର ପଣ୍ଡା ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପାଇଥିବାବେଳେ ଅନ୍ୟମାନେ ହେଲେ ନୟନଜ୍ୟୋତି ଶର୍ମା (ଅହମିଆ), ସୁତପା ଚକ୍ରବର୍ତ୍ତୀ (ବଙ୍ଗଳା), ସେଲୁ ମେଡ୍ ରାଣୀ ବୋଡ଼ୋ (ବୋଡ଼ୋ), ହୀନା ଚୌଧୁରୀ (ଡୋଗ୍ରୀ), କେ. ବୈଶାଳୀ (ଇଂଲିଶ), ରିଙ୍କୁ ଭଜେସିଂହ ରାଠୋଡ଼ (ଗୁଜରାଟୀ), ଗୌରବ ପାଣ୍ଡେ (ହିନ୍ଦୀ), ଶ୍ରୁତି ବି.ଆର୍. (କନ୍ନଡ଼), ଅଦ୍ୱୈତ ସାଲଗାଓଁକର (କୋଙ୍କଣୀ), ରିଙ୍କି ଝା ଋଷିକା (ମୈଥିଳି), ଶ୍ୟାମକ୍ରିଷ୍ଣନ ଆର୍ (ମାଲୟାଲମ), ୱାଇଖୋମ ଚିଙ୍ଗଖେଙ୍ଗନବା (ମଣିପୁରୀ), ଦେବୀଦାସ ସୌଦାଗର (ମରାଠୀ), ସୁରଜ ଚାପାଗାଇଁ (ନେପାଳୀ), ରଣଧୀର (ପଞ୍ଜାବୀ), ସୋନାଲି ସୁଥର (ରାଜସ୍ଥାନୀ), ଅଞ୍ଜନ କର୍ମକାର (ସାନ୍ତାଳୀ), ଗୀତା ପ୍ରଦୀପ ରୁପାନି (ସିନ୍ଧି), ଲୋକେଶ ରଘୁରମଣ (ତାମିଲ), ରମେଶ କାର୍ତ୍ତିକ ନାୟକ (ତେଲୁଗୁ) ଏବଂ ମୋହମ୍ମଦ ଜାଭେଦ ଅହମଦ (ଉର୍ଦ୍ଦୁ)। ଏକାଡେମୀ ସଭାପତି ଡ. ମାଧବ କୌଶିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଇଂଲିଶ କବି ଜେରି ପିଣ୍ଟୋ, ଏକାଡେମୀ ସଚିବ ଡକ୍ଟର କେ. ଶ୍ରୀନିବାସ ରାଓ ଏବଂ ଉପସଭାପତି ପ୍ରଫେସର କୁମୁଦ ଶର୍ମା ଯୋଗଦେଇ ପ୍ରତ୍ୟେକଙ୍କୁ ପୁରସ୍କାର ସ୍ୱରୂପ ୫୦ ହଜାର ଟଙ୍କାର ଅର୍ଥରାଶି ସହିତ ତାମ୍ରଫଳକ ପ୍ରଦାନ କରିଥିଲେ। ମହମ୍ମଦ ଆଶ୍ରଫ ଭଟ୍ଟ (କଶ୍ମୀରୀ) ଓ ମୁନି ପାର୍ଶ୍ୱସୁନ୍ଦର ବିଜୟଜୀ (ସଂସ୍କୃତ) ଅନୁପସ୍ଥିତ ଥିଲେ। ୧୩ ତାରିଖ ପୂର୍ବାହ୍ନ ୧୦ଟା ୩୦ରେ ଭୁବନେଶ୍ୱରର ବୁଦ୍ଧ ମନ୍ଦିରସ୍ଥିତ ସଭାଗୃହରେ ଯୁବ ପୁରସ୍କାର ପ୍ରାପକ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ପୁରସ୍କାର ଗ୍ରହଣ କରିଥିବା ଯୁବ ଲେଖକ ଲେଖିକାମାନେ ନିଜ ସାରସ୍ୱତ ଅନୁଭୂତି ବାଣ୍ଟିବେ। ଏହି ସମ୍ମିଳନୀରେ ସାହିତ୍ୟ ଏକାଡେମୀ ଉପସଭାପତି ପ୍ରଫେସର କୁମୁଦ ଶର୍ମା ଅଧ୍ୟକ୍ଷତା କରିବେ ବୋଲି ସୂଚନା ଦିଆଯାଇଛି।

# ସମାଜକୁ ସଂସ୍କାର ପଥରେ ଆଗେଇ ନେବ ଆଧ୍ୟାତ୍ମିକତା

ପୁରୀ,୧୨।୧(ଅଜିତ୍ କୁମାର ମହାନ୍ତି)

ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଜକୁ ୧୦୩ ବର୍ଷ ତଳେ ପୁରୀରେ ପଦାର୍ପଣ କରିଥିଲେ। ଏହି ପବିତ୍ର ସ୍ମୃତିକୁ ପୁନର୍ଜୀବିତ କରିବାକୁ ଉତ୍କଳ ଆଗମନୀ ସ୍ମୃତି ଉତ୍ସବ କମିଟିର ପ୍ରୟାସ ପ୍ରଶଂସନୀୟ। ଆଜିର ସମାଜ କଳୁଷିତ ହେଉଥିବାବେଳେ ଆଧ୍ୟାତ୍ମିକତା ଓ ଧାର୍ମିକ ଭାବନା ସମାଜକୁ ସଂସ୍କାର ପଥରେ ଆଗେଇ ନେବାରେ ସହାୟକ ହେବ ବୋଲି ପୂର୍ବତନ ଆର୍‌ଡିସି ସୁରେଶ ଚନ୍ଦ୍ର ଦଲାଇ କହିଛନ୍ତି। ରବିବାର ପୁରୀ ତାଳବଣିଆରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ଉତ୍କଳ ଆଗମନୀର ୧୦୩ ବର୍ଷ ପୂର୍ତ୍ତି ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ଦଲାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଦେଓଘର ସତ୍‌ସଙ୍ଗର ଡ. ଅକ୍ଷୟ କୁମାର ମିଶ୍ର ଯୋଗଦେଇ କହିଥିଲେ, ପ୍ରତ୍ୟେକଙ୍କୁ ଆଧ୍ୟାତ୍ମିକ ମାର୍ଗରେ ପରିଚାଳିତ ହେବା ପାଇଁ ଈଶ୍ୱର ସୁଯୋଗ ଦେଇଥାନ୍ତି। ଏହାର ଉପଯୋଗ ସମସ୍ତଙ୍କର ଧ୍ୟେୟ ହେଉ। ଉତ୍ସବ କମିଟି ଯୁଗ୍ମସମ୍ପାଦକ ନିରଞ୍ଜନ ବେହେରା ଠାକୁରଙ୍କ ଆଗମନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଡ. ନୃସିଂହ ପ୍ରସାଦ ତ୍ରିପାଠୀ ସଭା ପରିଚାଳନା କରିଥିଲେ। ସମାବେଶ ପ୍ରାରମ୍ଭରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ପୂର୍ବାହ୍ନରେ ପୁରୀ ଠାକୁରବାଡ଼ି ପରିସରରୁ ରେଳଷ୍ଟେଶନ ପର୍ଯ୍ୟନ୍ତ ରଥାରୂଢ଼ ଶ୍ରୀ ଶ୍ରୀ ଠାକୁର, ଶ୍ରୀ ଶ୍ରୀ ବଡ଼ମା ଏବଂ ପରମ ପୂଜ୍ୟପାଦ ଶ୍ରୀ ଶ୍ରୀ ବଡ଼ଦାଙ୍କ ଶ୍ରୀବିଗ୍ରହକୁ ବିଶାଳ ଶୋଭାଯାତ୍ରାରେ ପରିକ୍ରମା କରାଯାଇଥିଲା। ତାଳବଣିଆ ପଡ଼ିଆରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଯୋଗଦେଇ ଶ୍ରୀ ଶ୍ରୀ ଠାକୁରଙ୍କ ଭାବାଦର୍ଶ ସହ ବିଜ୍ଞାନର ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ। ଡ. ହୃଷୀକେଶ ସେନାପତି, ହିମାଚଳପ୍ରଦେଶ ସୋଲାନର ପୂର୍ବତନ ଜିଲାପାଳ କେ.ସି. ଚମନ, ଇଂ. ରଞ୍ଜିତ କୁମାର ମୁଦୁଲି, କ୍ଷୀତିଶ ମୋହନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ସଭାକୁ ପ୍ରତିଋତ୍ୱିକ ବିନାୟକ ମହାପାତ୍ର ପରିଚାଳନା କରିଥିଲେ।

# 'ଛାତ୍ରୀଛାତ୍ର ନିଜ ବିଦ୍ୟାଳୟକୁ ଭୁଲନ୍ତୁ ନାହିଁ'

ଭୁବନେଶ୍ୱର,୧୨।୧(ସୁଚିସ୍ମିତା ସାହୁ)

## ୟୁନିଟ୍-୬ ସରକାରୀ ଉଚ୍ଚ ବିଦ୍ୟାଳୟ ହୀରକ ଜୟନ୍ତୀ ଉଦ୍‌ଯାପିତ

ଶିଶୁଙ୍କ ପ୍ରଥମ ଗୁରୁ ହେଉଛି ମାଆ। ଛାତ୍ରୀଛାତ୍ର ପ୍ରାଥମିକ ଅବସ୍ଥାରେ ଗ୍ରହଣ କରିଥିବା ଜ୍ଞାନକୁ ସର୍ବଦା ମନେରଖିବା ଦରକାର। ଗୁରୁଙ୍କର ପ୍ରତିଟି ଜ୍ଞାନ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିଥାଏ। ସେମାନଙ୍କୁ ଗୌରବମୟ ସ୍ଥାନରେ ପହଞ୍ଚାଇବା କ୍ଷେତ୍ରରେ ଗୁରୁ ହିଁ ପଥପ୍ରଦର୍ଶକ ହୋଇଥାଆନ୍ତି ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। ୟୁନିଟ୍-୬ ସରକାରୀ ଉଚ୍ଚ ବିଦ୍ୟାଳୟର ଦୁଇଦିନିଆ ହୀରକ ଜୟନ୍ତୀ ଉତ୍ସବର ରବିବାର ଉଦ୍‌ଯାପନୀ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଚସ୍ପତି ପାଢ଼ୀ କହିଲେ, ଏହି ବିଦ୍ୟାଳୟରେ ମୁଁ ପାଠ ପଢ଼ିଛି। ବର୍ତ୍ତମାନ ବି ବିଦ୍ୟାଳୟର ସମସ୍ତ ସ୍ମୃତି ମୋର ମନେପଡୁଛି। ଛାତ୍ରୀଛାତ୍ର କେବେ ମଧ୍ୟ ନିଜ ବିଦ୍ୟାଳୟକୁ ଭୁଲିବା ଉଚିତ ନୁହେଁ। ବିଦ୍ୟାଳୟରୁ ଗ୍ରହଣ କରିଥିବା ଜ୍ଞାନକୁ ସମାଜ ମଙ୍ଗଳ କ୍ଷେତ୍ରରେ ଉପଯୋଗ କରନ୍ତୁ। ପୁରାତନ ବିଦ୍ୟାର୍ଥୀ ହେଉଛନ୍ତି ବିଦ୍ୟାଳୟ ପାଇଁ ମାଇଲଖୁଣ୍ଟ। ପୁରାତନ ଛାତ୍ର ସଂଗଠନର ଦାବିଗୁଡିକ ପୂରଣ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ ଯୋଗଦେଇ ପୁରାତନ ଛାତ୍ରୀଛାତ୍ର ବିଦ୍ୟାଳୟର ଉନ୍ନତିକରଣ ପାଇଁ ଆଗେଇଆସନ୍ତୁ ବୋଲି କହିଥିଲେ। ଛାତ୍ର ସଂଗଠନ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ଦାସ ବିଦ୍ୟାଳୟ ଓ ଛାତ୍ରୀଛାତ୍ରଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରୁପାଲୀ ସେନାପତି ଶୃଙ୍ଖଳିତ ହୋଇ ଜ୍ଞାନ ଆହରଣ କରିବାକୁ ପିଲାଙ୍କୁ ପରାମର୍ଶ ଦେଇଥିଲେ। ସଂଗଠନ ମ୍ୟାନେଜିଂ ଟ୍ରଷ୍ଟି ଦୁର୍ଗାପ୍ରସାଦ ମହାପାତ୍ର ସ୍ୱାଗତ ଭାଷଣ ଓ ସମ୍ପାଦକ ମାନସ ରାୟ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ୩୦ରୁ ଅଧିକ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

# ସମ୍ପତ୍ତିବାନ୍ ବ୍ୟକ୍ତିଙ୍କୁ ପେନ୍‌ସନ୍ ଦିଆଯିବା ଯଥାର୍ଥ ନୁହେଁ

ଭୁବନେଶ୍ୱର,୧୨।୧ (ସୌମ୍ୟରଞ୍ଜନ ରାଉତ)

ଜରୁରୀ ପରିସ୍ଥିତିରେ ବନ୍ଦୀମାନଙ୍କୁ ପେନ୍‌ସନ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବାବେଳେ ଜନ ଆନ୍ଦୋଳନ ନେତା ପ୍ରଫୁଲ୍ଲ ସାମନ୍ତରା ଏହାକୁ ବିରୋଧ କରିଛନ୍ତି। ତତ୍କାଳୀନ ବନ୍ଦୀମାନଙ୍କ ମଧ୍ୟରୁ ଯେଉଁମାନେ ବିଧାୟକ, ଏମ୍‌ପି ସମେତ ବିଭିନ୍ନ କ୍ଷେତ୍ରରୁ ପେନ୍‌ସନ ପାଉଛନ୍ତି, ବ୍ୟବସାୟ କ୍ଷେତ୍ରରେ ଥିବା ବ୍ୟକ୍ତିଙ୍କୁ କିମ୍ବା ସମ୍ପତ୍ତିବାନ୍ ବ୍ୟକ୍ତିମାନଙ୍କୁ ବନ୍ଦୀ ନାମରେ ଭତ୍ତା ଦିଆଯିବାର ଯଥାର୍ଥତା ନାହିଁ ବୋଲି ପ୍ରଫୁଲ୍ଲ ରବିବାର ଲୋହିଆ ଏକାଡେମୀଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଯେଉଁମାନେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ କେବଳ ସେମାନେ ହିଁ ପେନ୍‌ସନ୍ ପାଇବା ଯୁକ୍ତିଯୁକ୍ତ। ଯେଉଁମାନଙ୍କର ଭତ୍ତା ଆବଶ୍ୟକ ନାହିଁ ଓ ବିଭିନ୍ନ କ୍ଷେତ୍ରରୁ ପେନ୍‌ସନ ପାଉଛନ୍ତି, ସେମାନେ ଏଥିପାଇଁ ଆବେଦନ କରିବା ଉଚିତ ନୁହେଁ। ଆମ ଦେଶ ଓ ରାଜ୍ୟରେ ଜଣେ ଜଣେ ପୂର୍ବତନ ଏମ୍‌ପି ଓ ବିଧାୟକ ରୂପେ ଦୁଇଟା ପେନସନ ପାଉଛନ୍ତି, ଯାହାକି ଅନୈତିକ ଓ ଅବାଞ୍ଛନୀୟ। ତେଣୁ କେବଳ ଗୋଟିଏ ପେନସନ ପାଇବା ପାଇଁ ନିୟମ କିମ୍ବା ଆଇନ ହେବା ଏକାନ୍ତ ଜରୁରୀ ବୋଲି ସେ କହିଛନ୍ତି।


ପ୍ରଫୁଲ୍ଲ ସାମନ୍ତରା



## ପଥର ଫିଙ୍ଗାରୁ ଗୋଷ୍ଠୀ ସଂଘର୍ଷ ଘଟଣା: ୧୧ କୋର୍ଟ ଚାଲାଣ

**ବାଙ୍କୀ,୧୨।୧( ଶୁଭେନ୍ଦୁ ମହାପାତ୍ର):** ବାଙ୍କୀ ଥାନା ଅନ୍ତର୍ଗତ ଭଗିପୁର ଗ୍ରାମରେ ପଥର ଫିଙ୍ଗାକୁ କେନ୍ଦ୍ର କରି ଶନିବାର ୨ ସାହି ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉଭୟ ପକ୍ଷରୁ ୨ ଜଣ ଆହତ ହୋଇଥିବା ବେଳେ ପୋଲିସ ମାମଲା (ନଂ. ୧୧/୨୫ ଓ ୧୨/୨୫) ରୁଜୁ କରି ୧୦ ଜଣଙ୍କୁ ଥାନାରେ ଅଟକ ରଖିଥିଲା। ଏହି ଘଟଣାରେ ରବିବାର ପୋଲିସ ମୋଟ ୧୧ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଶବର ସାହିର ଦୀପକ ମାଝୀ, ସିଦ୍ଧାନ୍ତ ଦେହୁରୀ, ଚନ୍ଦନ ଦେହୁରୀ, ରଶ୍ମି ଦେହୁରୀ, ପ୍ରେମାନନ୍ଦ ଦେହୁରୀ, କାହ୍ନୁଚରଣ ଦେହୁରୀ, ସିଲୁ ଦେହୁରୀ, ମିଥୁନ ଦେହୁରୀ, ସୁନୀଲ ଦେହୁରୀ। ଅନ୍ୟ ୨ ଜଣ ହେଲେ ଏହି ଗ୍ରାମ ଅନ୍ତର୍ଗତ ଅନ୍ୟ ଏକ ସାହିର ସୁରେଶ ସାହୁ, ମଳୟ ସାହୁ। ଶୁକ୍ରବାର ରାତିରେ ଶବର ସାହିର କେତେଜଣ ଯୁବକ ବାଙ୍କୀ-କଟକ ମୁଖ୍ୟ ରାସ୍ତାରେ ଛୋଟ ବଡ଼ ଯାନବାହନ ଉପରକୁ ଢେଲା ପଥର ମାଡ଼ କରିଥିଲେ। ଏହି ଢ଼େଲା ଉକ୍ତ ଗ୍ରାମର ରାକେଶ ଜେନାଙ୍କ ବାଇକ୍‌ରେ ବାଜିବା ପରେ ଗଣ୍ଡଗୋଳର ସୂତ୍ରପାତ ହୋଇଥଲା।

# ନୃତ୍ୟ, ସଙ୍ଗୀତ ସୁସ୍ଥ ମାନସିକତା, ଚେତନା ସୃଷ୍ଟି କରେ

**ପ୍ରତିଭା ଅନ୍ୱେଷଣ, ସଙ୍ଗୀତ ସମାରୋହ**

**ନିଶ୍ଚିନ୍ତକୋଇଲି,୧୨।୧ (ଅଶୋକ କୁମାର ମହାପାତ୍ର)**

ନୃତ୍ୟ ସଙ୍ଗୀତ କାହିଁ ଆଦିମ କାଳରୁ ରହି ଆସିଛି। ସମାଜରେ ସୁସ୍ଥ ମାନସିକତା ଓ ଚେତନା ଜାଗ୍ରତ କରିବା ପାଇଁ ନୃତ୍ୟ, ସଙ୍ଗୀତର ସ୍ୱତନ୍ତ୍ର ଭୂମିକା ରହିଛି ବୋଲି ପ୍ରତିଭା ଅନ୍ୱେଷଣ ଓ ସଙ୍ଗୀତ ସମାରୋହରେ ମଞ୍ଚାସୀନ ଅତିଥିମାନେ ମତ ରଖିଥିଲେ। ନିଶ୍ଚିନ୍ତକୋଇଲି ସିଦ୍ଧ ମହାବୀରଙ୍କ ପ୍ରାଙ୍ଗଣରେ ବେଲେଶ୍ୱରୀ ସଙ୍ଗୀତ କଳା ନିକେତନ ଓ ଗୋପୀନାଥ ବେହେରା ଫାଉଣ୍ଡେଶନ ଆନୁକୂଲ୍ୟରେ ପ୍ରତିଭା ଅନ୍ୱେଷଣ ଓ ସଙ୍ଗୀତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାକୁ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସରପଞ୍ଚ ମଧୁସ୍ମିତା ରାଉତ, ମୁଖ୍ୟବକ୍ତାଭାବେ




ସମାରୋହରେ ଯୋଗଦେଇଥିବା ଅତିଥିମାନେ।

ପୂର୍ବତନ ସରପଞ୍ଚ ଦେବେନ୍ଦ୍ର କୁମାର ସାହୁ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ତବଲା ଗୁରୁ ଗୋପୀନାଥ ବେହେରା ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ସଙ୍ଗଠନ ସମ୍ପାଦକ ପ୍ରମୋଦ କୁମାର ଦାଶ ସ୍ୱାଗତ ଭାଷଣ ଓ ଶେଷରେ ସମ୍ପାଦକ ସର୍ବେଶ୍ୱର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରତିଯୋଗୀମାନଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଏଥିସହ ଭଜନ, ଓଡିଶୀ ନୃତ୍ୟ, ସଙ୍ଗୀତ ଓ ତାବଲା ବାଦନ ଆଦି ପ୍ରତିଯୋଗିତା କରାଯାଇଥିଲା। ସନ୍ଧ୍ୟାରେ ଆୟୋଜିତ ଉଦଯାପନୀ ଉତ୍ସବରେ ସାମୂହିକ ତବଲା ବାଦନ କଳାପ୍ରେମୀକୁ ମନ୍ତ୍ରମୁଗ୍ଧ କରିଥିଲା।କାର୍ଯ୍ୟକ୍ରମରେ ରାଜ୍ୟର ବହୁପ୍ରତିଷ୍ଠିତ କଳାକାର ଯୋଗଦେଇଥିଲେ।

## ଗ୍ରାମାଞ୍ଚଳ ଭିତ୍ତିକ କ୍ରୀଡ଼ା ପ୍ରତିଯୋଗିତା

**ବାଙ୍କୀ ,୧୨।୧( ଶୁଭେନ୍ଦୁ ମହାପାତ୍ର):** ବାଙ୍କୀ, କଟକସ୍ଥିତ ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ମନ୍ତ୍ରାଳୟ ଅଧୀନ ନେହେରୁ ଯୁବ କେନ୍ଦ୍ର ସଙ୍ଗଠନ ଓ ମାଇଁ ଭାରତ କଟକର ସହଯୋଗରେ ଗ୍ରାମାଞ୍ଚଳ ଭିତ୍ତିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଚକାପଦା ଗ୍ରାମର ଅଗ୍ରଣୀ ଯୁଥ କ୍ଲବ ଆଦର୍ଶ ଯୁବ ପରିଷଦର ପରିଚାଳନାରେ ଡମପଡ଼ା ମହାବିଦ୍ୟାଳୟ ଖେଳ ପଡ଼ିଆରେ ଏହା ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଡମପଡ଼ା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଞ୍ଜନ ରଣା, ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥିଭାବେ ଲଲାଟେନ୍ଦୁ ପଣ୍ଡା, ବିଶ୍ୱ ରଞ୍ଜନ ସ୍ୱାଇଁ, ଅଧ୍ୟାପକ ଜ୍ୟୋତି ପ୍ରକାଶ ପାଣି, ତାପସ କୁମାର ମହାନ୍ତି ଓ ରବୀନ୍ଦ୍ର ବେଉରା ପ୍ରମୁଖ ଅଂଶଗ୍ରହଣ କରି କ୍ରୀଡ଼ା ସହିତ ସ୍ୱାସ୍ଥ୍ୟର ମୂଲ୍ୟବୋଧ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ।

## ଆଜି ମହାପୁରୁଷ ଅଚ୍ୟୁତାନନ୍ଦଙ୍କୁ ଲାଗିହେବ ପଗଡ଼ି

**କଟକ,୧୨।୧ (ଶିଲ୍ପା ପ୍ରିୟଦର୍ଶିନୀ):**



କଟକ ଫିରିଙ୍ଗି ବଜାର ଅଞ୍ଚଳର ଚନ୍ଦ୍ରଶେଖର ସାହୁ ଏକ ପଗଡ଼ି ତିଆରି କରିଛନ୍ତି। ଏହାର ଉଚ୍ଚତା ସାଢ଼େ ୪ ଫୁଟ ଏବଂ ଓସାର ୧୨ ଫୁଟ ରହିଛି। ଏହାକୁ କଟକ ଜିଲା ନେମାଳସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦ ପୀଠକୁ ରବିବାର ପଠାଯାଇଛି। ପୌଷ ପୂର୍ଣ୍ଣମା ଅବସରରେ ସୋମବାର ଏହି ପଗଡ଼ି ଅଚ୍ୟୁତାନନ୍ଦଙ୍କୁ ଲାଗି କରାଯିବ। ପ୍ରତିବର୍ଷ ଏହି ପଗଡ଼ି ତିଆରି ପାଇଁ ନେମାଳ ଅଚ୍ୟୁତାନନ୍ଦ ପୀଠ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଅର୍ଡର ଦିଆଯାଇଥାଏ। ଏହି ପଗଡ଼ି ତିଆରି ପାଇଁ ରଙ୍ଗିନ ଓ ଭେଲ୍‌ଭେଟ୍ କପଡ଼ା, ଚୁମ୍‌କି, ଭେରାଇଟି ଜରି, ଷ୍ଟୋନ ଇତ୍ୟାଦି ବ୍ୟବହାର କରାଯାଇଛି। ଏଥିପାଇଁ ୧୨ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଏନେଇ ଚନ୍ଦ୍ରଶେଖର କହିଛନ୍ତି, ପଗଡ଼ି ତିଆରି ପାଇଁ ୮ ଦିନ ସମୟ ଲାଗିଥିଲା। ୧୮ ବର୍ଷ ହେବ ଏହି କାମ କରିଆସୁଛୁ। ଆଗାମୀ ଦିନରେ ମଧ୍ୟ ଏହି କାର୍ଯ୍ୟ ଜାରି ରଖିବେ ବୋଲି ସେ କହିଛନ୍ତି।

# ବାଙ୍କୀକୁ ହରାଇ ଛତିଆ ଚାମ୍ପିୟନ

**ସୁରେଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

**ତିଗିରିଆ,୧୨।୧(ଜାଫର ଖାଁ):** ତିଗିରିଆ ବ୍ଲକ ଅନ୍ତର୍ଗତ ସୋମପଡ଼ାସ୍ଥିତ ଖେଳପଡ଼ିଆଠାରେ ଲିଟିଲ ଷ୍ଟାର ଆସୋସିଏଶନ ଦ୍ୱାରା ଆୟୋଜିତ ସୁରେଶ ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚରେ ବାଙ୍କୀ କ୍ରିକେଟ ଆସୋସିଏଶନକୁ ୮ ଉଇକେଟରେ ହରାଇ ପିସିସି ଛତିଆ ଚାମ୍ପିୟନ ହୋଇଛି। ଟସ୍ ଜିତି ପ୍ରଥମେ ବାଙ୍କି ୧୬.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୧୯ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ବାବୁଲା ଦଳେଇ ସର୍ବାଧିକ ୨୫ ବଲରେ ୩୨ ରନ କରିଥିଲେ। ବୋଲିଂରେ ଛତିଆ ଦଳର ଦିପ୍ତୀରଞ୍ଜନ ବିଶ୍ୱାଳ ୪ଟି ଓ ଉଦୟ ସେଠି ୩ଟି ଉଇକେଟ ନେଇଥିଲେ। ଏହାର ଜବାବରେ ଛତିଆ ଦଳ ୧୨. ୪ ଓଭରରେ ୨ ଉଇକେଟ ହରାଇ ୧୨୦ ରନ୍ କରି ଚାମ୍ପିୟନ୍ ହୋଇଥିଲେ। ଦଳ ପକ୍ଷରୁ ପ୍ରକାଶ ସାମଲ ୪୦ ବଲ୍‌ରେ ୭୭ ରନ୍ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ସନାତନ ପଣ୍ଡା, ସମ୍ମାନିତ ଅତିଥିଭାବେ ଭାଗ୍ୟଧର ଗଣ୍ଡିଆ, ବିକାଶ ପ୍ରଧାନ, ଦେବରାଜ ପ୍ରଧାନ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଛତିଆ ଦଳକୁ ଟ୍ରଫି ସହିତ ୨୫ ହାଜର ଟଙ୍କା ଓ ରନର୍ସ ଅପ ବାଙ୍କୀ ଦଳକୁ ଟ୍ରଫି ସହିତ ୧୮ ହଜାର ଟଙ୍କା ପ୍ରଦାନ କରିଥିଲେ। ମ୍ୟାନ୍ ଅଫ ଦି ମ୍ୟାଚ୍ ପ୍ରକାଶ ସାମଲ ଓ ମ୍ୟାନ୍ ଅଫ ଦି ସିରିଜ୍ ଭାବେ ନରେନ୍ଦ୍ର ନାୟକଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରିଥିଲେ।

# ଧାନମଣ୍ଡିରେ ମୁନାଫାଖୋର୍ ବେପାରକୁ ବିରୋଧ

**ମାଣିଆବନ୍ଧ,୧୨।୧(ଅଖିଳ କୁମାର ସାହୁ):** ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ ପ୍ରାଥମିକ କୃଷି ସମବାୟ ସମିତି ଧାନମଣ୍ଡିରେ ଶୁକ୍ରବାର ୧୨ ଜଣ ଚାଷୀଙ୍କ ଠାରୁ ପ୍ରାୟ ୪ଶହ କୁଇଣ୍ଟାଲ ଧାନ ସଂଗ୍ରହ କରିବା ପାଇଁ ସମିତି ତରଫରୁ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଥିଲା। ତେବେ ୧୨ ଜଣ ଚାଷୀଙ୍କ ମଧ୍ୟରୁ କେତେଜଣ ଚାଷୀଙ୍କ ଖାତାରେ ମୁନାଫାଖୋର ବେପାରୀ ଧାନ ଦେଉଥିବା ଖବରପାଇ ସମିତି ପରିଚାଳନା ପରିଷଦ ସଦସ୍ୟ ଶ୍ରୀକାନ୍ତ ଜେନା ସେଠାରେ ପହଞ୍ଚି ସେମାନଙ୍କୁ ଧାନ ଦେବା ପାଇଁ ସମିତିରୁ ମିଳିଥିବା ଟୋକନ ଦେଖିବାକୁ କହିଥିଲେ। ସେମାନେ ଟୋକନ ନ ଦେଖାଇ ଦୌଡ଼ି ପଳାଇଥିଲେ। ପରେ ସମିତିର କର୍ମକର୍ତ୍ତା ଏବଂ ସହକାରୀ ସମବାୟ ନିବନ୍ଧକଙ୍କ ତରଫରୁ ମୌଖିକ ଭାବେ ନିୟୋଜିତ ଥିବା ଅବସରପ୍ରାପ୍ତ ସମ୍ପାଦକ ଶରତ ପ୍ରଧାନଙ୍କୁ ଉକ୍ତ ଦିନ ମଣ୍ଡିରେ ଧାନଦେବା ପାଇଁ ଚାଷୀଙ୍କ ତାଲିକା ଓ ଟୋକନ ଦେଖାଇବା ପାଇଁ ମାଗିଥିଲେ। ସେମାନେ ଏହା ଦେଖାଇବା ପରିବର୍ତ୍ତେ ସମିତିର ସଦସ୍ୟ ଜେନାଙ୍କ ସହ ଯୁକ୍ତିତର୍କ କରିଥିଲେ। ସେଠାରେ ଉପସ୍ଥିତ ଥିବା କେତେଜଣ ଚାଷୀଙ୍କ ହସ୍ତକ୍ଷେପ ପରେ ଘଟଣାର ସମାପ୍ତି ଘଟିଥିଲା।

ଏହି ଘଟଣାକୁ ନେଇ ସମିତି କର୍ମକର୍ତ୍ତା ଓ ଚାଷୀମାନେ କୌଣସି ଅଭିଯୋଗ କରି ନ ଥିଲେ ମଧ୍ୟ ଆଠଗଡ଼ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ବିଜେନ୍ଦ୍ର କୁମାର ମହାନ୍ତି ଶନିବାର ସନ୍ଧ୍ୟାରେ ମାଣିଆବନ୍ଧ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଆଠଗଡ଼ ସହକାରୀ ନିବନ୍ଧକ କହିଛନ୍ତି, ସେ ଅଭିଯୋଗ ପାଇବା ପରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛନ୍ତି। ସହକାରୀ ନିବନ୍ଧକଙ୍କ ଅଭିଯୋଗ ଆଧାରରେ ମାଣିଆବନ୍ଧ ଥାନା ମାମଲା ନଂ. ୪/୨୫ରେ ରୁଜୁ କରି ଶ୍ରୀକାନ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

ପ୍ରକାଶ ଯେ, ଶୁକ୍ରବାର ମଣ୍ଡିରେ ଚାଷୀଙ୍କ ଧାନ ସଂଗ୍ରହ ସଂକ୍ରାନ୍ତରେ ପ୍ରାଥମିକ ସମିତି ତରଫରୁ କୌଣସି ପରିଚାଳନା ପରିଷଦ ସଦସ୍ୟଙ୍କୁ ନେଇ ବୈଠକ ହୋଇ ନ ଥିଲା କି ସୂଚନା ଦିଆଯାଇ ନ ଥିଲା।

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ସମ୍ବର୍ଦ୍ଧନା



**ମଙ୍ଗୁଳି-ଜଗତପୁର, ୧୨।୧(ମାନସ ସାମଲ):** କଟକ ଜିଲା ଟାଙ୍ଗୀସ୍ଥିତ କଏରାପାରୀଠାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଟେଟ୍ରାହେଡ୍ରନ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଶନିବାର ଟାଙ୍ଗୀସ୍ଥିତ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଧର୍ମେନ୍ଦ୍ର ଯୋଗଦେବାକୁ ଯାଉଥିଲେ। ଏହି ସମୟରେ ଉକ୍ତ ଇନ୍‌ଷ୍ଟିଚ୍ୟୁଶନର ଶତାଧିକ ଛାତ୍ରୀଛାତ୍ରଙ୍କ ଗହଣରେ ଅଧ୍ୟକ୍ଷ ତ୍ରିଦେବ ବେହେରା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଏଥିସହ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ, ବଡ଼ଚଣା ବିଧାୟକ ଅମର ନାୟକ, ନିଆଳି ବିଧାୟକ ଛବି ମଲ୍ଲିକ, ଭାଜପା ନେତା ଅରିନ୍ଦମ ରାୟ, ଚୌଧୁରୀ ହେମନ୍ତ କୁମାର ସାହୁ ପ୍ରମୁଖଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଶୁଭ୍ରକାନ୍ତ ମହାପାତ୍ର, ବିଚିତ୍ରାନନ୍ଦ ସ୍ୱାଇଁ, କେ.ସି. ପଟ୍ଟନାୟକ, ଅଟଳ ବିହାରୀ ବଳ, ତୃପ୍ତିରଞ୍ଜନ ସ୍ୱାଇଁ, ଶୁଭ୍ରାଂଶୁ ମିଶ୍ର, ବନଜା ପଟ୍ଟନାୟକ, ଦୀପ୍ତି ରଞ୍ଜନ ସାହୁଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

DSPL-318
omfed
सत्यमेव जयते
पशुपालन और डेयरी विभाग
मत्स्यपालन, पशुपालन और डेयरी मंत्रालय,
भारत सरकार
राष्ट्रीय डेरी विकास बोर्ड
NDDB DAIRY SERVICES
Giftmilk
NDDB Foundation for Nutrition




ଗୋ-ସମାବେଶ, ଓମଫେଡ଼କୁ ବିପଣନ ସହାୟତା ଏବଂ ଗିଫ୍ଟମିଲ୍କ କାର୍ଯ୍ୟକ୍ରମ

• ମୟୂରଭଞ୍ଜର ୩୦୦୦ ଚାଷୀଙ୍କୁ ଦୁଧିଆଳୀ ଗାଇ ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ
• ମୟୂରଭଞ୍ଜର ୧୯ ଗୋଟି ବିଦ୍ୟାଳୟରେ ଗିଫ୍ଟମିଲ୍କ କାର୍ଯ୍ୟକ୍ରମର ଶୁଭାରମ୍ଭ
• ରାଷ୍ଟ୍ରୀୟ ଡ଼ାଏରୀ ବିକାଶ ବୋର୍ଡ ଦ୍ୱାରା ଓମଫେଡ଼କୁ ବିପଣନ ସହାୟତା ପ୍ରଦାନ

ମୁଖ୍ୟ ଅତିଥି
ଶ୍ରୀମତୀ ଦ୍ରୌପଦୀ ମୁର୍ମୁ
ମାନନୀୟ ରାଷ୍ଟ୍ରପତି, ଭାରତ

ଗରିମାମୟ ଉପସ୍ଥିତି
ଶ୍ରୀ ମୋହନ ଚରଣ ମାଝୀ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ
ମାନ୍ୟବର ଶିକ୍ଷା ମନ୍ତ୍ରୀ, ଭାରତ ସରକାର
ଶ୍ରୀ ରାଜୀବ ରଞ୍ଜନ ସିଂହ ଓରଫ ଲଲନ ସିଂହ
ମାନ୍ୟବର ମତ୍ସ୍ୟ, ପ୍ରାଣିପାଳନ ଓ ଡ଼ାଏରୀ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ, ଭାରତ ସରକାର
ପ୍ରଫେସର ଏସ୍.ପି.ସିଂହ ବଘେଲ
ମାନ୍ୟବର ମତ୍ସ୍ୟ, ପ୍ରାଣିପାଳନ ଓ ଡ଼ାଏରୀ ଏବଂ ପଞ୍ଚାୟତିରାଜ ରାଷ୍ଟ୍ରମନ୍ତ୍ରୀ, ଭାରତ ସରକାର
ଶ୍ରୀ ଗଣେଶ ରାମ ସିଂହଖୁଣ୍ଟିଆ
ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ, ନିଯୁକ୍ତି ଓ କର୍ମଚାରୀ ରାଜ୍ୟ ବୀମା, ଓଡ଼ିଶା ସରକାର
ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ
ମାନ୍ୟବର ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଓଡ଼ିଶା ସରକାର

୧୩ ଜାନୁଆରୀ ୨୦୨୫ | ରାଇରଙ୍ଗପୁର, ମୟୂରଭଞ୍ଜ

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର
Follow us farddepartment farddepartment farddepartment @farddepartment
OIPR-06014/13/0024/2425

**ବନବିହାର କାର୍ଯ୍ୟକ୍ରମ**

ବେଗୁନିଆ,(ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ସରସ୍ୱତୀ ଶିଶୁମନ୍ଦିର ପକ୍ଷରୁ ବନବିହାର କାର୍ଯ୍ୟକ୍ରମ ସ୍ଥାନୀୟ କାନପୁର ଗ୍ରାମର ବନଦୁର୍ଗା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ପଣ୍ଡାଙ୍କ ଆବାହକତ୍ୱ ଏବଂ ଆଚାର୍ଯ୍ୟ ସିଦ୍ଧେଶ୍ୱର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠାନର ସମ୍ପାଦକ ଦିଲୀପ କୁମାର ପାଣିଗ୍ରାହୀ, କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ମହାପାତ୍ର, ବିଦ୍ୱତ୍ ପରିଷଦ ସଭାପତି ବଂଶୀଧର ପାଣିଗ୍ରାହୀ, ସଦସ୍ୟ ସରୋଜ କୁମାର ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମନରେ ଶୈକ୍ଷିକ ଓ ସୁସ୍ଥ ବାତାବରଣ କିପରି ସୃଷ୍ଟି ହୋଇପାରିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ।

## ୧୦ ଗୋରୁ ଉଦ୍ଧାର, ଜଣେ ଗିରଫ

ଖୋର୍ଦ୍ଧା,୧୨।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଧୀନ ଗଡ଼ଖୋର୍ଦ୍ଧା ଛକ ନିକଟରେ ଗୋରୁ ବୋଝେଇ ଏକ ପିକ୍ଅପ୍ ଭ୍ୟାନକୁ ଗୋସୁରକ୍ଷା କର୍ମୀମାନେ ଜବତ କରି ପୋଲିସ ଜିମା ଦେଇଛନ୍ତି। ୯ଗୋରୁ ଏବଂ ଗୋଟିଏ ବାଛୁରିକୁ ପୋଲିସ ଉଦ୍ଧାର କରିଛି । ଗୋସୁରକ୍ଷା କର୍ମୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୪/୨୫)ରୁଜୁକରି ଖଣ୍ଡଗିରି ଥାନା ଯଦୁପୁର ଅଞ୍ଚଳର ମହମ୍ମଦ ଆସିଫଙ୍କୁ ଗିରଫ କରିଛି। ସୂଚନା ମୁତାବକ, ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଭୋରୁ ଏକ ପିକ୍ଅପ୍ ଭ୍ୟାନରେ ଗୋରୁ ଯାଉଥିବା ଗୋସୁରକ୍ଷା କର୍ମୀମାନେ ଖବରପାଇ ବରୁଣେଇ ଓଭରବ୍ରିଜ ନିକଟରେ ଗାଡ଼ିକୁ ଅଟକାଇଥିଲେ। ଗାଡି ଯାଞ୍ଚ ବେଳେ ସେଥିରେ ଗୋରୁ ବନ୍ଧା ହୋଇଯାଉଥିବା ଦେଖିବା ପରେ ଗାଡିକୁ ଥାନାକୁ ଆଣିଥିଲେ। ଗୋରୁଙ୍କୁ ପ୍ରାଥମିକ ଚିକିତ୍ସା ପରେ ଗୋଶାଳାରେ ଛଡ଼ାଯାଇଛି।

## ଟାଙ୍ଗିଆପଡ଼ା ସେମିରେ

ବାଘମାରୀ,୧୨।୧(ମିହିର ରଞ୍ଜନ ମହାପାତ୍ର)

ସିମୋର ପଞ୍ଚାୟତ ମା'ଗହ୍ଣେଇଁ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡ଼ିଆରେ ଚତୁର୍ଥ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଟାଙ୍ଗିଆପଡ଼ା କ୍ଲବ ଏବଂ ବାଙ୍କୀ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ଟାଙ୍ଗିଆପଡ଼ା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ଓଭରରେ ୮ଉଇକେଟ ବିନିମୟରେ ୧୪୫ରନ ସଂଗ୍ରହ କରିଥିଲା। ଜବାବରେ ବାଙ୍କୀ ଟିମ୍ ୧୮ଓଭରରେ ୮ଉଇକେଟ ବିନିମୟରେ ୧୩୬ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଟାଙ୍ଗିଆପଡ଼ା ଟିମ୍ ବିଜୟୀ ହେବା ସହ ଲାଭ କରି ସେମିଫାଇନାଲରେ ପ୍ରବେଶ କରିଛି। ବାଙ୍କୀ ଟିମ୍‌ର ବାପୁନି ସାମଲ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ସିମୋର ଗ୍ରାମ୍ୟ କମିଟି ସଭାପତି ମହେନ୍ଦ୍ର ଜେନା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ତରୁଣ ପ୍ରହରାଜ ଏବଂ ଦୀପ୍ତିରଞ୍ଜନ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ। ଦାଶରଥି ପ୍ରଧାନ ଏବଂ ମିହିର ରଞ୍ଜନ ମହାପାତ୍ର ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ।

# ସ୍ୱାମିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

ଖୋର୍ଦ୍ଧା,୧୨।୧(ପ୍ରଭାତ ପାଣିଗ୍ରାହୀ)

ସ୍ୱାମୀ ବିବେକାନନ୍ଦ ଭାରତବର୍ଷର ଅଦ୍ୱିତୀୟ ଯୁବଶକ୍ତିର ପ୍ରତୀକ। ଯୁବସମାଜର ଆଦର୍ଶ। ଯୁବପିଢ଼ିଙ୍କ ପ୍ରେରଣାର ଉତ୍ସ। ରାଷ୍ଟ୍ର ନିର୍ମାଣରେ ଯୁବସମାଜର ପ୍ରମୁଖ ଭୂମିକା ରହିଛି। ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପର୍ଯ୍ୟନ୍ତ ପରିଶ୍ରମ କର। ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ରାଜ୍ୟସ୍ତରୀୟ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଅବସରରେ ଜାତୀୟ ଯୁବ ଦିବସ ସମାରୋହରେ ଉପସ୍ଥିତ ଅତିଥିମାନେ ଆହ୍ୱାନ ଦେଇଛନ୍ତି। ବିବେକାନନ୍ଦ ଇନ୍‌ଷ୍ଟିଚ୍ୟୁଟ ଅଫ ଆଡ଼ଭାନ୍ସଡ଼ ଏଜୁକେଶନାଲ ରିସର୍ଚ୍ଚ ଆଣ୍ଡ ଟେକ୍ନୋଲୋଜି ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥିଭାବେ ମହନ୍ତ ସ୍ୱାମୀ ପର୍ଶୁରାମ ଦାସ ମହାରାଜ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ନୀତି ଏବଂ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଶିକ୍ଷାବିତ୍


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଡ.ଅଶୋକ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ବକ୍ତାଭାବେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଶିବପ୍ରସାଦ ପାଢ଼ୀ ସ୍ୱାମିଜୀଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ସୁଜିତ ମିଶ୍ର ଓ ସମ୍ମାନିତ ବକ୍ତାଭାବେ ବରିଷ୍ଠ ଖବରଦାତା ପ୍ରଭାତ ପାଣିଗ୍ରାହୀ ଯୋଗଦେଇ ଜାତୀୟ ଯୁବ ଦିବସର ମହତ୍ତ୍ୱ ଉପରେ ମତ ରଖିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ.ଧୀରେନ୍ଦ୍ର ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମାରୋହରେ ନାଗେଶ୍ୱର ପାତ୍ର ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ସୁଶ୍ରୀ ବର୍ଷାରାଣୀ ରାଉତ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଅନ୍ତର୍ଯ୍ୟାମୀ ସେନାପତି ଧନ୍ୟବାଦ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ୨୨ ଭାରତୀୟ ଭାଷାର ଯୁବ ଲେଖକ ପୁରସ୍କୃତ

ଭୁବନେଶ୍ୱର,୧୨।୧(ସୁଚିସ୍ମିତା ସାହୁ)

**କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ସମାରୋହ**

- ଓଡ଼ିଆରେ ସଞ୍ଜୟ କୁମାର ପଣ୍ଡା ପାଇଲେ ପୁରସ୍କାର

କେନ୍ଦ୍ର ସାହିତ୍ୟ ଏକାଡେମୀର ଯୁବ ପୁରସ୍କାର ସମାରୋହ ଉତ୍କଳ ବିଶ୍ୱବିଦ୍ୟାଳୟର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରେକ୍ଷାଳୟଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ୨୨ଟି ଭାରତୀୟ ଭାଷାର ଯୁବ ଲେଖକଙ୍କୁ ୨୦୨୪ ବର୍ଷର ଯୁବ ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଆରେ ସଞ୍ଜୟ କୁମାର ପଣ୍ଡା ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପାଇଥିବାବେଳେ ଅନ୍ୟମାନେ ହେଲେ ନୟନଜ୍ୟୋତି ଶର୍ମା (ଅହମିଆ), ସୁତପା ଚକ୍ରବର୍ତ୍ତୀ (ବଙ୍ଗଳା), ସେଲ୍ଥ ମେଦ୍ ରାଣୀ ବୋଡ଼ୋ (ବୋଡ଼ୋ), ହୀନା ଚୌଧୁରୀ (ଡୋଗ୍ରୀ), କେ. ବୈଶାଳୀ (ଇଂଲିଶ), ରିଙ୍କୁ ଭଜେସିଂହ ରାଠୋଡ଼ (ଗୁଜରାଟୀ), ଗୌରବ ପାଣ୍ଡେ (ହିନ୍ଦୀ), ଶ୍ରୁତି ବି.ଆର୍. (କନ୍ନଡ଼), ଅଦ୍ୱୈତ ସାଲଗାଓଁକର (କୋଙ୍କଣୀ), ରିଙ୍କି ଝା ଋଷିକା (ମୈଥିଳି), ଶ୍ୟାମକ୍ରିଷ୍ଣନ ଆର୍ (ମାଲୟାଲମ), ୱାଇଖୋମ ଚିଙ୍ଗଖେଙ୍ଗନବା (ମଣିପୁରୀ), ଦେବୀଦାସ ସୌଦାଗର (ମରାଠୀ), ସୁରଜ ଚାପାଗାଇଁ (ନେପାଳୀ), ରଣଧୀର (ପଞ୍ଜାବୀ), ସୋନାଲି ସୁଥର (ରାଜସ୍ଥାନୀ), ଅଞ୍ଜନ କର୍ମକାର (ସାନ୍ତାଳୀ), ଗୀତା ପ୍ରଦୀପ ରୁପାନି (ସିନ୍ଧି), ଲୋକେଶ ରଘୁରମଣ (ତାମିଲ), ରମେଶ କାର୍ତ୍ତିକ ନାୟକ (ତେଲୁଗୁ) ଏବଂ ମୋହମ୍ମଦ ଜାଭେଦ ଅହମଦ (ଉର୍ଦ୍ଦୁ)। ଏକାଡେମୀ ସଭାପତି ଡ. ମାଧବ କୌଶିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଇଂଲିଶ କବି ଜେରି ପିଣ୍ଟୋ, ଏକାଡେମୀ ସଚିବ ଡକ୍ଟର କେ. ଶ୍ରୀନିବାସରାଓ ଏବଂ ଉପସଭାପତି ପ୍ରଫେସର କୁମୁଦ ଶର୍ମା ଯୋଗଦେଇ ପ୍ରତ୍ୟେକଙ୍କୁ ପୁରସ୍କାର ସରୂପ ୫୦ ହଜାର ଟଙ୍କାର ଅର୍ଥ ରାଶି ସହିତ ତାମ୍ର ଫଳକ ପ୍ରଦାନ କରିଥିଲେ। ମହମ୍ମଦ ଆଶ୍ରଫ ଭଟ୍ଟ (କଶ୍ମିରୀ) ଓ ମୁନି ପାର୍ଶ୍ୱସୁନ୍ଦର ବିଜୟଜୀ (ସଂସ୍କୃତ) ଅନୁପସ୍ଥିତ ଥିଲେ। ୧୩ ତାରିଖ ପୂର୍ବାହ୍ନ ୧୦ଟା ୩୦ରେ ଭୁବନେଶ୍ୱରର ବୁଦ୍ଧ ମନ୍ଦିରସ୍ଥିତ ସଭାଗୃହରେ ଯୁବ ପୁରସ୍କାର ପ୍ରାପକ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ପୁରସ୍କାର ଗ୍ରହଣ କରିଥିବା ଯୁବ ଲେଖକ ଲେଖିକାମାନେ ନିଜ ସାରସ୍ୱତ ଅନୁଭୂତି ବାଣ୍ଟିବେ। ଏହି ସମ୍ମିଳନୀରେ ସାହିତ୍ୟ ଏକାଡେମୀ ଉପସଭାପତି ପ୍ରଫେସର କୁମୁଦ ଶର୍ମା ଅଧ୍ୟକ୍ଷତା କରିବେ ବୋଲି ସୂଚନା ଦିଆଯାଇଛି।

## ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା କମିଟି ଗଠିତ

ବେଗୁନିଆ,୧୨।୧(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ଦେଉଳି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଜିଲା ବିପର୍ଯ୍ୟୟ ପରିଚାଳନା କମିଟି ସହଯୋଗରେ ପ୍ରଚଣ୍ଡେଶ୍ୱର ସେବା ସଂସ୍ଥା ପକ୍ଷରୁ ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା କମିଟି ଗଠନ ହୋଇଛି। ଅନୁଷ୍ଠାନର ସମ୍ପାଦକ ଅଶୋକ କୁମାର ପେଣ୍ଠୋଇଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସରପଞ୍ଚ ଅକ୍ଷୟ ରାଉତରାୟ ମୁଖ୍ୟ ଅତିଥି, ଯୋଗେଶ୍ୱର ପଣ୍ଡା ମୁଖ୍ୟ ବକ୍ତା, ଗୋବିନ୍ଦ ଚନ୍ଦ୍ର ଖୁଣ୍ଟିଆ ଏବଂ ପ୍ରୋଜେକ୍ଟ ସଂଯୋଜକ ଦାଶରଥି ଶ୍ରୀଚନ୍ଦନ ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଜନସାଧାରଣଙ୍କ ସଚେତନତାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ଦେଉଳି, ଓଗାଳପୁର, ଡଙ୍ଗରପଡ଼ା ଏବଂ ସାମନ୍ତରାପୁର ଗ୍ରାମର ମହିଳା ଗୋଷ୍ଠୀ, ଅଙ୍ଗନୱାଡି କର୍ମୀ, ୱାର୍ଡ ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଖୋର୍ଦ୍ଧା ଜିଲା ସାମ୍ବାଦିକଙ୍କ ବନ୍ଧୁମିଳନ

ବାଲୁଗାଁ,୧୨।୧(ସଂଗ୍ରାମ ପାଇକରାୟ)

ନୀଳାମ୍ବୁ ଚିଲିକାର ତଟଦେଶରେ ରବିବାର ଖୋର୍ଦ୍ଧା ଜିଲା ସାମ୍ବାଦିକମାନଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଡ଼କୁଳ ପାନ୍ଥନିବାସଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୧୫ରୁ ଊର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ବୈଠକରେ ଅଂଶଗ୍ରହଣ କରିଥିବା ସାମ୍ବାଦିକମାନେ ପରିଚୟ ପ୍ରଦାନ କରିବା ପରେ ଛତିଶଗଡ଼ରେ ହତ୍ୟାର ଶିକାର ହୋଇଥିବା ସାମ୍ବାଦିକଙ୍କ ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ପରସ୍ପର ସହଯୋଗର ବାର୍ତ୍ତା ନେଇ ଅଗ୍ରସର ହେବାକୁ ଆହ୍ୱାନ ଦିଆଯାଇଥିଲା । ପ୍ରତିବର୍ଷ ଖୋର୍ଦ୍ଧା ଜିଲା ଅଧୀନ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଭାଇଚାରା ଓ ଏକତାର ଲକ୍ଷ୍ୟ ନେଇ ଏହିପରି ବନ୍ଧୁ ମିଳନ କାର୍ଯ୍ୟକ୍ରମ କରାଯିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। ଆୟୋଜକଭାବେ ଚିଲିକା ପ୍ରେସ କ୍ଲବ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ, କାର୍ ଜବତ

ଖୋର୍ଦ୍ଧା,୧୨।୧(ପ୍ରଭାତ ପାଣିଗ୍ରାହୀ)

ଜାତୀୟ ରାଜପଥ ପାଲଟିଛି ଗଞ୍ଜେଇ ଚୋରାଚାଲାଣର ଗଳାବାଟ। ଦୈନିକ କନ୍ଧମାଳରୁ ଭୁବନେଶ୍ୱରକୁ ଗଞ୍ଜେଇ ଚାଲାଣ ହେଉଛି। ରବିବାର ଭୋରୁ ୧୬ନଂ. ଜାତୀୟ ରାଜପଥର ପିଏନ୍ କଲେଜ ନିକଟ ବରୁଣେଇ ଓଭରବ୍ରିଜ ଉପରୁ ଏକ ଗଞ୍ଜେଇ ବୋଝେଇ କାରକୁ ଅବକାରୀ ପୋଲିସ ଜବତ କରିଛି। ଜବତ କାରରୁ ଅବକାରୀ ଟିମ୍ ଦେଢ଼ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏହାର ମୂଲ୍ୟ ୧୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ କହିଛନ୍ତି। ସୂଚନା ମୁତାବକ, ଏକ କାର (ଓଡି୦୨ ସିଟି ୭୫୨୧)ରେ ଫୁଲବାଣୀରୁ ଗଞ୍ଜେଇ ବୋଝେଇ ହୋଇ ଭୁବନେଶ୍ୱର ଅଭିମୁଖେ ଆସୁଥିଲା। ଏହି ସମୟରେ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଅବକାରୀ ପୋଲିସ ଓ ଶିଳ୍ପାଞ୍ଚଳ ପୋଲିସ ପହଞ୍ଚିବା ବେଳେ ଦୁର୍ଘଟଣା ପରେ କାର୍ ଡ୍ରାଇଭର ଓ ସହଯୋଗୀ ଫେରାର ହୋଇଯାଇଥିଲେ। ଅବକାରୀ ଅଧୀକ୍ଷକ ତ୍ରିପାଠୀଙ୍କ ସମେତ ଏକ ଟିମ୍ ସେଠାରୁ ଗଞ୍ଜେଇ ବୋଝେଇ ଗାଡି ଜବତ କରିଥିଲେ।

# ଟାଇବ୍ରେକରରେ କିଶୋର କ୍ଲବ ଭୁବନେଶ୍ୱର ବିଜୟୀ



ନିରାକାରପୁର,୧୨।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତରେ ଥିବା କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ଖେଳପଡ଼ିଆରେ ସଖା ସଂଘ କ୍ରୀଡା ସଂସଦ ପକ୍ଷରୁ ରବିବାର ୩୧ତମ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍ କିଶୋର କ୍ଲବ୍ ଭୁବନେଶ୍ୱର ଏବଂ ୟଙ୍ଗ ୟୁଥ୍ କ୍ଲବ୍ ମଣିପୁର ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ ପରସ୍ପରକୁ ଦୁଇଟି ଲେଖାଏ ଗୋଲ ଦେଇଥିଲେ। ଫଳରେ ଟାଇବ୍ରେକରରେ ୪-୩ ଗୋଲରେ କିଶୋର କ୍ଲବ୍ ଭୁବନେଶ୍ୱର ବିଜୟୀ ହୋଇଛି। ଶଖାବତ୍ ଅଲ୍ଲୀ ଖାଁ, ପ୍ରମୋଦ ଦାସ, ବିପିନ ସାମନ୍ତରାୟ, ଓମ୍ ପ୍ରକାଶ ମିଶ୍ର,ଗଙ୍ଗାଧର ପଟ୍ଟନାୟକ, ବିଶ୍ୱନାଥ ବେହେରା ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ।

ଏହି ଟୁର୍ନାମେଣ୍ଟକୁ କ୍ଷେତ୍ରବାସୀ ଡିଏଭି କଲେଜ ପୂର୍ବତନ ପରିଚାଳନା କମିଟି ସଭାପତି ଡ.ସଞ୍ଜୟ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂ, ଅତିଥିଭାବେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରାମ ଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି କ୍ରୀଡା ସଂସଦ ଉପଦେଷ୍ଟା ଡ.ସଞ୍ଜୟ ପଟ୍ଟନାୟକ, ଇଂ.ବିଶ୍ୱମୋହନ ପଟ୍ଟନାୟକ, ସଂଘ ସଭାପତି ବିପିନ ଜୟସିଂହ, ଜ୍ୟୋତିର୍ବିଦ୍ ଅଶୋକ ମହାପାତ୍ର, ଏସ୍ଆଇ ଦିପାଳିଶା ନାୟକ, ସ୍ଥାନୀୟ ସରପଞ୍ଚ କାଦମ୍ବିନୀ ବେହେରା, କଳିଙ୍ଗ ସାହୁ, ଜିଲାପରିଷଦ ସଭ୍ୟ ବିଜୟ ପାଲଟାସିଂହ, ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ନାଥଶର୍ମା, କାଶୀପୁର ସୋସାଇଟି ସଭାପତି ପ୍ରଦୀପ୍ତ ଷଡ଼ଙ୍ଗୀ, ସମ୍ପାଦକ ଭାଗୀରଥି ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଅଶୋକ ମହାପାତ୍ର ଏବଂ ଏସ୍ଆଇ ଦୀପାଳିଶା ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ୟଙ୍ଗ ୟୁଥ୍ କ୍ଲବ୍‌ର ରୋବୋର୍ଟ ଏବଂ କିଶୋର କ୍ଲବର ନନ୍ଦ ସିଂଙ୍କୁ ପ୍ରଦାନ କରାଯାଇଛି।

DSPL-318

पशुपालन और डेयरी विभाग
मत्स्यपालन, पशुपालन और डेयरी मंत्रालय,
भारत सरकार

राष्ट्रीय डेरी विकास बोर्ड
NDDB DAIRY SERVICES





ଗୋ-ସମାବେଶ, ଓମଫେଡ଼କୁ ବିପଣନ ସହାୟତା ଏବଂ ଗିଫ୍ଟମିଲ୍କ କାର୍ଯ୍ୟକ୍ରମ

- ମୟୂରଭଞ୍ଜର ୩୦୦୦ ଚାଷୀଙ୍କୁ ଦୁଧିଆଳୀ ଗାଈ ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ
- ମୟୂରଭଞ୍ଜର ୧୯ ଗୋଟି ବିଦ୍ୟାଳୟରେ ଗିଫ୍ଟମିଲ୍କ କାର୍ଯ୍ୟକ୍ରମର ଶୁଭାରମ୍ଭ
- ରାଷ୍ଟ୍ରୀୟ ଡ଼ାଏରୀ ବିକାଶ ବୋର୍ଡ ଦ୍ୱାରା ଓମଫେଡ଼କୁ ବିପଣନ ସହାୟତା ପ୍ରଦାନ

ମୁଖ୍ୟ ଅତିଥି

ଶ୍ରୀମତୀ ଦ୍ରୌପଦୀ ମୁର୍ମୁ
ମାନନୀୟ ରାଷ୍ଟ୍ରପତି, ଭାରତ

ଗରିମାମୟ ଉପସ୍ଥିତି

ଶ୍ରୀ ମୋହନ ଚରଣ ମାଝୀ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ
ମାନ୍ୟବର ଶିକ୍ଷା ମନ୍ତ୍ରୀ, ଭାରତ ସରକାର

ଶ୍ରୀ ରାଜୀବ ରଞ୍ଜନ ସିଂହ ଓରଫ ଲଲନ ସିଂହ
ମାନ୍ୟବର ମତ୍ସ୍ୟ, ପ୍ରାଣିପାଳନ ଓ ଡ଼ାଏରୀ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ, ଭାରତ ସରକାର

ପ୍ରଫେସର ଏସ୍.ପି.ସିଂହ ବଘେଲ
ମାନ୍ୟବର ମତ୍ସ୍ୟ, ପ୍ରାଣିପାଳନ ଓ ଡ଼ାଏରୀ ଏବଂ ପଞ୍ଚାୟତିରାଜ ରାଷ୍ଟ୍ରମନ୍ତ୍ରୀ, ଭାରତ ସରକାର

ଶ୍ରୀ ଗଣେଶ ରାମ ସିଂହଖୁଣ୍ଟିଆ
ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ, ନିଯୁକ୍ତି ଓ କର୍ମଚାରୀ ରାଜ୍ୟ ବୀମା, ଓଡ଼ିଶା ସରକାର

ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ
ମାନ୍ୟବର ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଓଡ଼ିଶା ସରକାର

୧୩ ଜାନୁଆରୀ ୨୦୨୫ | ରାଇରଙ୍ଗପୁର, ମୟୂରଭଞ୍ଜ

OIPR-06014/13/0024/2425

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର

Follow us farddepartment farddepartment farddepartment @farddepartment

